## ବାରିଝୋଲାରେ ଆଦିବାସୀଙ୍କ ହିରେଇ ପର୍ବ ଉଦ୍‌ଯାପିତ

# ରଙ୍ଗ ବୋଳି ନାଚଗୀତରେ ମତୁଆଲା ହେଲେ ଗ୍ରାମବାସୀ







**ରାୟଗଡ଼ା, ୨୩।୪(ସମିସ):** ଆଦିବାସୀ ସମ୍ପ୍ରଦାୟର କଳା, ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀକୁ ନେଇ ସବୁ ସମୟରେ ଚଳଚଞ୍ଚଳ ଥାଏ ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲା। ଚଳିତ ଚୈତ୍ର ମାସରେ ଆଦିବାସୀଙ୍କ ଏକ ମୁଖ୍ୟ ପର୍ବ ହେଉଛି ହିରେଇ ପର୍ବ। ପିଲାଠୁ ବୁଢାଯାଏଁ ସମସ୍ତେ ଏହି ପର୍ବରେ ସାମିଲ ହୋଇ ଖୁସି ମନାଇଥାନ୍ତି। ବିଶେଷ କରି ବର୍ଷକର ପ୍ରଥମ ନୂଆ ଫଳ ଭାବେ ଆମ୍ବକୁ ପୂଜା କରି ସମସ୍ତେ ଆମ୍ବ ଖାଇଥାନ୍ତି। ଏହା ପୂର୍ବରୁ କେହି ହେଲେ ଆମ୍ବ ଖାଇ ନ ଥାନ୍ତି ବୋଲି କହିଥାନ୍ତି ସମ୍ପ୍ରଦାୟର ବରିଷ୍ଠ ଲୋକେ।

ରାୟଗଡ଼ା ଜିଲ୍ଲା ସଦର ବ୍ଲକ ହାଲୁଆ ପଞ୍ଚାୟତର ଆଦିବାସୀ ବହୁଳ ବାରିଝୋଲା ଗ୍ରାମରେ ଗତ ଶନିବାରଠାରୁ ଆଜି ମଙ୍ଗଳବାର ପର୍ଯ୍ୟନ୍ତ ୪ଦିନ ଧରି ଏହି ହିରେଇ ପର୍ବ ଅନୁଷ୍ଠିତ ହୋଇଥିଲା। ଗାଁର ଘରେ ଘରେ ଆମ୍ବ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଘର ଘରକୁ ସେମାନଙ୍କ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଆମ୍ବ ଓ ଆମ୍ବପତ୍ରର ମାଳକୁ ବାରିଝୋଲାର ଗାଁ ଦାଣ୍ଡରେ ଲଗାଯାଇଥିବା ଦେଖିବାକୁ ମିଳିଥିବା ବେଳେ ଆଜି ଶେଷ ଦିନରେ ଗାଁର ମହିଳା ଓ ପୁରୁଷମାନେ ନିଜ ନିଜ ଭିତରେ ଫଗୁ ରଙ୍ଗ ବୋଳାବୋଳି ହୋଇ ପାରମ୍ପରିକ ବାଦ୍ୟର ତାଳେ ତାଳେ ନାଚଗୀତ ଆସରରେ ଝୁମି ଉଠିଥିଲେ। ଯାହାକି ସେମାନଙ୍କର ପରମ୍ପରାକୁ ଉଦଜୀବିତ କରି ରଖିବାର ଏକ ପ୍ରୟାସ ସଦୃଶ।

ଗ୍ରାମର ସାଲୁ ବିଡିକା, ଦାମ ମହାନନ୍ଦିଆ, ନାଗେଶ୍ୱର ବିଡିକା, ନରସିଂହ ବିଡିକାଙ୍କ ସମେତ ଅନ୍ୟମାନଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ, ପୂର୍ବରୁ ଏହି ପର୍ବକୁ ଆଦିବାସୀ ସମ୍ପ୍ରଦାୟରେ ଧୁମଧାମରେ ପାଳନ କରାଯାଉଥିଲା। ଏହି ପର୍ବଦିନ ଆସିଲେ ଗାଁରେ ଥିବା ଯୁବକ ତଥା ପୁରୁଷମାନେ ଜଙ୍ଗଲକୁ ବେଣ୍ଟ ଶିକାର ପାଇଁ ଯାଇଥାନ୍ତି। ଶିକାର ପାଇଁ ଯାଇଥିବା ପୁରୁଷ ଆସିବାରେ ବିଳମ୍ବ ହେବା ଭାବି ତାଙ୍କ ଘର ମହିଳାମାନେ ମଧ୍ୟ ଜଙ୍ଗଲ ବାହାରେ ରନ୍ଧା ଖାଦ୍ୟ ନେଇ ଅପେକ୍ଷାରେ ରହିଥାନ୍ତି। ଜଙ୍ଗଲରୁ ଯେ କୌଣସି ବନ୍ୟଜନ୍ତୁ ଶିକାର ହେଲେ ତାକୁ ଅଣାଯାଇ ଗାଁ ଦାଣ୍ଡରେ କରାଯାଇଥିବା ଛାଉଁଣି ଉପରେ ରଖି ତଳେ ପୂଜାପାଠ କରାଯାଇଥାଏ ଏବଂ ଭୋଜିଭାତର ଆସର ଜମିଥାଏ। ପରେ ବନ୍ୟଜନ୍ତୁ ଶିକାର ଉପରେ ସରକାରଙ୍କ କଟକଣା ତଥା କଡା କାର୍ଯ୍ୟାନୁଷ୍ଠାନ ହେବା ଫଳରେ ଆଦିବାସୀମାନେ ସରକାରଙ୍କ ନିୟମକୁ ଉଲଂଘନ ନ କରି ଶିକାରକୁ ଧୀରେ ଧୀରେ ବନ୍ଦ କରି ଦେଇଥିଲେ ବୋଲି ନିଜର ଅନୁଭୂତି ପ୍ରକାଶ କରିଥିଲେ। ବାରିଝୋଲା ଗ୍ରାମରେ ଘରେ ଘରେ ଅନୁଷ୍ଠିତ ହୋଇଥିବା ଏହି ଆମ୍ବ ପୂଜା ତଥା ହିରେଇ ପର୍ବର ଉଦଯାପନୀରେ ହାଲୁଆ ସରପଞ୍ଚ ତାମାରାଓ ବିଡିକା ମଧ୍ୟ ଯୋଗ ଦେଇ ଗାଁର ଯୁବକଯୁବତୀଙ୍କ ଗହଣରେ ନାଚଗୀତରେ ସାମିଲ ହୋଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ଆଦିବାସୀ ବହୁଳ ଗ୍ରାମରେ ହିରେଇ ପର୍ବ ଅନୁଷ୍ଠିତ ହେଉଥିବା ବେଳେ କେଉଁ ସ୍ଥାନରେ ତିନି ଚାରି ଦିନ ତ ଆଉ କେଉଁ କେଉଁ ସ୍ଥାନରେ ଚାରି ପାଞ୍ଚ ଦିନରୁ ଅଧିକ ଦିନ ଧରି ଏହି ପର୍ବ ପାଳନ ହୋଇଥାଏ ବୋଲି ସରପଞ୍ଚ ଶ୍ରୀ ବିଡିକା ପ୍ରକାଶ କରିଛନ୍ତି।

## ଦେବୀଘାଟ ଓ କୋଲାବନଗର ଅଞ୍ଚଳରେ ବୁଲୁଛି ଜଙ୍ଗଲୀ ଭାଲୁ



**କୋଲାବନଗର, ୨୩।୪(ସମିସ):** କିଛି ଦିନ ଧରି ଦେବୀଘାଟ ପଞ୍ଚାୟତର ତଉଡାପଦର ଏବଂ ବଡକେରେଙ୍ଗା ପଞ୍ଚାୟତର କୋଲାବ ନଗରର ଆଖପାଖ ଅଞ୍ଚଳରେ ଏକ ଜଙ୍ଗଲୀ ଭାଲୁ ଜନବସତି ମୁହାଁ ହୋଇ ବୁଲୁଥିବା ଦେଖାଦେଇଛି। ଭାଲୁଟି ନିକଟସ୍ଥ ପାହାଡରୁ ଆସି ସାହି କଲୋନୀ, ପାୱାର ହାଉସ ଛକ, ତଉଡାପଦର ଛକ ଏବଂ କୋଲାବନଗର ଜନବସତି ଅଞ୍ଚଳ ଭିତରେ ବୁଲାବୁଲି କରୁଛି। ଭାଲୁକୁ ଦେଖି ଲୋକେ ଭୟଭୀତ ହୋଇ ସନ୍ଧ୍ୟା ହେଲେ ଦୋଛକିରେ ରହୁଥିବା ବେଳେ ଭାଲୁ କିନ୍ତୁ ପାହାନ୍ତିଆ ଯାଏଁ ବୁଲି ପୁଣି ଥରେ ଫେରି ଯାଉଛି। କିଛିଦିନ ଧରି ଆଖପାଖ ଗ୍ରାମ ଗୁଡିକରେ ଚଇତି ପରବ ପାଳନ ପାଇଁ ଲୋକେ ବେଣ୍ଟାଭିମୁଖୀ ହୋଇଛନ୍ତି ଏବଂ କିଛି ଜାଗାରେ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲାଗିବା ଦେଖାଦେଇଛି। ତେଣୁ ଭାଲୁଟି ଜଙ୍ଗଲ ଛାଡି ଜନବସତି ମୁହାଁ ହୋଇଥିବା ଜଣାପଡ଼ିଛି। ତେବେ ଦୈନନ୍ଦିନ ଜୀବନରେ ଲୋକେ ସକାଳୁ ବିଭିନ୍ନ କାମରେ ବାହାରକୁ ଯାଇ ସନ୍ଧ୍ୟା ଓ ରାତିରେ ଫେରୁଥିବାରୁ କେତେବେଳେ ଭାଲୁ ହାବୁଡରେ ପଡ଼ିଯିବେ ବୋଲି ଭୟଭୀତ ରହୁଥିବା ଗ୍ରାମବାସୀ କହିଛନ୍ତି। ବନ ବିଭାଗ ତୁରନ୍ତ ଭାଲୁର ଗତିବିଧିକୁ ନଜର ରଖି କାବୁ କରିବାକୁ ଦାବି ଉଠିଛି।

# ୨୫ରେ ଆସିବେ ପାଣ୍ଡିଆନ; ଚଳଚଞ୍ଚଳ ପଟାଙ୍ଗି ନିର୍ବାଚନମଣ୍ଡଳୀ

## ବାଙ୍ଗୁରିଗୁଡ଼ାରେ ଜନସାଧାରଣଙ୍କୁ କରିବେ ସମ୍ବୋଧନ

**ନନ୍ଦପୁର, ୨୩।୪(ସମିସ):**



ପଟାଙ୍ଗି ନିର୍ବାଚନମଣ୍ଡଳୀରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଥିବାବେଳେ ରଣକ୍ଷେତ୍ରକୁ ଓହ୍ଲାଇବାକୁ ବିଜେଡ଼ି ପୁରା ଦମ୍ ଲଗାଇଛି। ପଟାଙ୍ଗୀ ନିର୍ବାଚନମଣ୍ଡଳୀରେ ବିଜେଡିର ବିଜୟ ବାନା ଉଡ଼ାଇବା ସହ ଆସନ ସୁରକ୍ଷିତ ରଖିବା ପାଇଁ ବିଜେଡ଼ି ରଣନୀତି ପ୍ରସ୍ତୁତ ଆରମ୍ଭ କରିଛି। ସୋମବାର ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କୋରାପୁଟ ଗସ୍ତରେ ଆସି କର୍ମୀ ଓ ନେତାଙ୍କ ସହ ଦୀର୍ଘ ସମୟ ଧରି ନିର୍ବାଚନୀ ପ୍ରସଙ୍ଗ ଉପରେ ଆଲୋଚନା କରି ଫେରିଥିବାବେଳେ କୋରାପୁଟ ଗସ୍ତରେ ଆସୁଛନ୍ତି 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଭିକେ ପାଣ୍ଡିଆନ। କୋରାପୁଟ ଜିଲ୍ଲାର ବିଭିନ୍ନ ବିଧାନସଭା ଆସନରେ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହ ବିପୁଳ ମାତ୍ରାରେ କୋରାପୁଟ ଜିଲ୍ଲାର ସମସ୍ତ ବିଧାନସଭାର ପ୍ରାର୍ଥୀଙ୍କୁ ବିଜୟ ପାଇଁ କୋରାପୁଟବାସୀଙ୍କୁ ଭୋଟ ଭିକ୍ଷା କରିବେ। ଗତଥର କୋରାପୁଟ ଗସ୍ତରେ ଆସିବାବେଳେ ଶ୍ରୀ ପାଣ୍ଡିଆନ ଲୋକଙ୍କ ସମସ୍ୟା ଶୁଣକ୍ଷଣୀ କରିଥିଲେ, ତାହା କେତେଦୂର ସଫଳ ହୋଇଛି ସେ ଉପରେ ସମୀକ୍ଷା କରିବାର ସମ୍ଭାବନା ବି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦେଇଥିବା ପ୍ରତିଟି ପଞ୍ଚାୟତରେ ପ୍ରଦାନ କରିଥିବା ଅନୁଦାନରେ ମଧ୍ୟ ସମୀକ୍ଷା କରିପାରନ୍ତି। ତେବେ ପଟାଙ୍ଗି ନିର୍ବାଚନିମଣ୍ଡଳୀରେ ଶ୍ରୀ ପାଣ୍ଡିଆନଙ୍କ ମହାଜନସଭାର କାର୍ଯ୍ୟକ୍ରମ ନେଇ ଚଳଚଞ୍ଚଳ ହୋଇ ଉଠିଛି ପଟାଙ୍ଗୀ। ତେବେ ପଟାଙ୍ଗି ନିର୍ବାଚନ ପାଇଁ ଏକ ବଡ ଘୋଷଣା ହୋଇପାରେ ବୋଲି କୁହାଯାଇଛି। ଶ୍ରୀ ପାଣ୍ଡିଆନ ଅନେକ ଥର କହିଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି ବୋଲି ତାହା ପ୍ରମାଣିତ ମଧ୍ୟ ହୋଇଛି। ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗିଙ୍କ ପାଇଁ ଭୋଟ ଭିକ୍ଷା କରିବା ସହ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିପାରନ୍ତି ବୋଲି କୁହାଯାଇଛି।

## ସମର୍ଥକଙ୍କ ସହ ବିଜେଡିରେ ମିଶିଲେ କଂଗ୍ରେସ ନେତା



**କୋରାପୁଟ, ୨୩।୪(ସମିସ):**

କୋରାପୁଟ ବ୍ଲକର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ପ୍ରାର୍ଥୀ ବିଜୟ ଖରା ମଙ୍ଗଳବାର ବିଜୁ ଜନତା ଦଳ(ବିଜେଡି)ରେ ଯୋଗ ଦେଇଛନ୍ତି। ନିଜ ସମର୍ଥକମାନଙ୍କ ସହ ଶ୍ରୀ ଖରା ମଙ୍ଗଳବାର କୋରାପୁଟ ବିଧାୟକ ରଘୁରାମ ପଡ଼ାଲଙ୍କ ବାସଭବନରେ ପହଞ୍ଚି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ବିଧାୟକ ଶ୍ରୀ ପଡ଼ାଲ ବିଜୟ ଖରା ଓ ଅନ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ସହ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି, ଦୃଢ଼ ନେତୃତ୍ୱ ଓ ଜନକଲ୍ୟାଣକାରୀ ଯୋଜନା ଏବଂ ରଘୁରାମ ପଡ଼ାଲଙ୍କ ନେତୃତ୍ୱ ପ୍ରତି ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା ପ୍ରକାଶ କରିଛନ୍ତି।

# ବିଜେଡିର ମିଶ୍ରଣ ପର୍ବ

ପାପଡ଼ାହାଣ୍ଡି, ୨୩।୪(ସମିସ) : ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ମାଝୀଗୁଡାସ୍ଥିତ ବାସଭବନରେ ମଙ୍ଗଳବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥ?ରେ କଂଗ୍ରେସ ଓ ବିଜେପି ଦଳ ଛାଡି ୧୦୦ ଜଣ ବିଜେଡିରେ ସାମିଲ ହୋଇଥିଲେ। ପାପଡ଼ାହାଣ୍ଡି ପଞ୍ଚାୟତ ବିଜେଡି ସଭାପତି ପୀତବାସ ଭତରାଙ୍କ ନେତୃତ୍ୱରେ ଜିତେନ୍ଦ୍ର ଗୌଡ଼ ସହ ୧୦୦ଜଣ ବିଜେଡିରେ ସାମିଲ ହୋଇଥିଲେ। ଦଳ ତରଫରୁ ବିଧାୟକ ରନ୍ଧାରୀ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ନୀତି ଆଦର୍ଶରେ ଏବଂ ଲୋକ ପ୍ରିୟ ବିଧାୟକ ମନୋହର ରନ୍ଧାରୀଙ୍କ ଲୋକପ୍ରିୟତା ଦେଖି କର୍ମୀମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି।




# ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହ ସଚେତନତା




**ଜୟପୁର, ୨୩।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ରହିଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନା ଯୁକ୍ତ ୨ ବିଭାଗ ଆନୁକୂଲ୍ୟରେ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ମହାବିଦ୍ୟାଳୟ ପରିସର ଏବଂ ଫାଟକ ସମ୍ମୁଖରେ ସାଧାରଣ ଲୋକଙ୍କୁ ଏନେଇ ସଚେତନ କରାଯାଇଥିଲା। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଅଧ୍ୟାପିକା ସୀମା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଛାତ୍ରୀମାନେ ଅଂଶୁଘାତ ଓ ଗ୍ରୀଷ୍ମ ପ୍ରବାହ ବୃଦ୍ଧିର କାରଣ, ନିରାକାରଣ ଓ ସଚେତନତା ସମ୍ପର୍କରେ ରାସ୍ତାରେ ଯାଉଥିବା ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ଛାତ୍ରୀମାନେ ଏହାର ପ୍ରତିକାର ନେଇ ସମସ୍ତଙ୍କୁ ଅଂଶୁଘାତ ସମ୍ବନ୍ଧୀୟ ପ୍ରଚାରପତ୍ର ବଣ୍ଟନ କରିବା ସହ ଅଧିକରୁ ଅଧିକ ପାନୀୟ ଜଳପାନ, ମୁଣ୍ଡରେ ଗାମୁଛା କିମ୍ବା ଟୋପି ପିନ୍ଧିବା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପ୍ରତି ରହିଥିବା ପ୍ରଭାବର ପ୍ରତିକାର ଉପରେ ସଚେତନତା କରାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ମହାବିଦ୍ୟାଳୟ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।




# ରାୟଗଡ଼ା ସାହିତ୍ୟ ମହୋତ୍ସବ ପକ୍ଷରୁ ବ୍ୟଙ୍ଗସ୍ରଷ୍ଟା ଡମ୍ବରୁଧର ପଟ୍ଟନାୟକଙ୍କ ସ୍ମୃତିସଭା

**ରାୟଗଡ଼ା, ୨୩।୪(ସମିସ):**



ରାୟଗଡ଼ା ସାହିତ୍ୟ ମହୋତ୍ସବ କମିଟି ପକ୍ଷରୁ ବିଶ୍ୱ ପୁସ୍ତକ ଦିବସ ତଥା ଦିବଙ୍ଗତ ସ୍ରଷ୍ଟା ଡମ୍ବରୁଧର ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଡ. ଦୁଷ୍ମନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ପ୍ରଥମେ ପଞ୍ଚବଟୀର ସମ୍ପାଦକ ସୁଶାନ୍ତ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉପସ୍ଥିତ ସମସ୍ତ ସାହିତ୍ୟିକ ଓ ସାହିତ୍ୟିକାମାନେ ସ୍ୱର୍ଗତ ଡମ୍ବରୁଧରଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ନିରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିବାରବର୍ଗରୁ କନ୍ୟା ସୁରଭି ପ୍ରିୟଦର୍ଶିନୀ ଓ ପୂରବୀ ପ୍ରିୟଦର୍ଶିନୀ ଆୟୋଜନ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଡ. ମହାନ୍ତି ସ୍ମୃତିଚାରଣ ପୂର୍ବକ ସ୍ୱର୍ଗତ ଡମ୍ବରୁଧର ଓଡ଼ିଶାର ଅନ୍ୟତମ ଅଗ୍ରଜ ସାହିତ୍ୟିକ, ପୁସ୍ତକପ୍ରେମୀ ସର୍ବୋପରି ଜଣେ ଓଡ଼ିଆ ପ୍ରେମୀ ଭାବେ ପରିଚିତି ଲାଭ କରିଥିଲେ ବୋଲି କହିବା ସହ ତାଙ୍କ ବିୟୋଗରେ ବ୍ୟଙ୍ଗ ସାହିତ୍ୟରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଜୟଦେବ ସିଠ, ଅଶୋକ ପାଢ଼ୀ, ଦେବେନ୍ଦ୍ର ବାଉରୀ, ହୃଷୀକେଶ ରଥ, କଲ୍ୟାଣୀ ସାସମଲ, ତ୍ରିବେଣୀ ମିଶ୍ର, ଶ୍ରୀଧର ପଟ୍ଟନାୟକ, ରବି ଶତପଥୀ, ବିପିନ ବିହାରୀ ବିଶ୍ୱାଳ, ପ୍ରଶାନ୍ତି ସାହୁ, ବିମଳଚାନ୍ଦ ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ଡମ୍ବରୁଧର ପଟ୍ଟନାୟକଙ୍କ ସୃଜନ ଦିଗନ୍ତ ସହ ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କମିଟିର ସାଙ୍ଗଠନିକ ସମ୍ପାଦକ ଡ. ଦ୍ୱୀତିଚନ୍ଦ୍ର ସାହୁ ସ୍ୱର୍ଗତ ପଟ୍ଟନାୟକଙ୍କ ସୃଜନ ସମ୍ଭାର ଓ ଓଡ଼ିଆ ଭାଷା ସଂସ୍କୃତି ପ୍ରୀତି ସମ୍ପର୍କରେ ସ୍ମୃତି ଚାରଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡମ୍ବରୁଧର ପଟ୍ଟନାୟକଙ୍କ ରଚିତ ପୁସ୍ତକଗୁଡ଼ିକର ପ୍ରଦର୍ଶନୀ କରାଯାଇଥିଲା।









## ପ୍ରାର୍ଥିପତ୍ର ଦାଖଲର ଷଷ୍ଠ ଦିନ

# ‘ମୁଖ୍ୟମନ୍ତ୍ରୀଙ୍କ ଜନହିତ କାର୍ଯ୍ୟ ବିଜୟକୁ ସୁନିଶ୍ଚିତ କରିବ’















**ରାୟଗଡ଼ା/ବିଷମକଟକ/ଗୁଣୁପୁର/ମାଲକାନଗିରି/ନବରଙ୍ଗପୁର/କୋରାପୁଟ, ୨୩।୪(ସମିସ)**

୨୦୨୪ର ମହାଲଢ଼େଇ। ମଙ୍ଗଳବାର ଚଳିତ ସାଧାରଣ ନିର୍ବାଚନର ନାମାଙ୍କନପତ୍ର ଦାଖଲର ଷଷ୍ଠ ଦିନରେ ବିଜୁ ଜନତା ଦଳର ରାୟଗଡ଼ା ବିଧାନସଭା ଆସନ ବିଧାୟକ ପ୍ରାର୍ଥିନୀ ଅନସୂୟା ମାଝି ଓ ବିଷମକଟକ ବିଧାନସଭା ଆସନର ବିଧାୟକ ପ୍ରାର୍ଥୀ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ରାୟଗଡ଼ା ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କଠାରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଓ ଲୋକାଭିମୁଖୀ ଯୋଜନା ହିଁ ନିର୍ବାଚନ ଜିତେଇବାରେ ମୋର ମୂଳ ଅସ୍ତ୍ର ହେବ ଏବଂ ହଜାର ହଜାର ସଂଖ୍ୟକ କର୍ମୀ-ସମର୍ଥକଙ୍କ ସମର୍ଥନ ଦଳ ପ୍ରତି ରହିଥିବାରୁ ମୋ ବିଜୟ ସୁନିଶ୍ଚିତ ହେବ ବୋଲି ଶ୍ରୀମତି ମାଝି ପ୍ରକାଶ କରିଛନ୍ତି। ଏହି ସମୟରେ ଜିଲ୍ଲା ବିଜେଡି ସଭାପତି ଏନ.ଭାସ୍କର ରାଓ, ରାୟଗଡ଼ା ବିଧାନସଭା ଆସନ ବିଜେଡି ନିର୍ବାଚନ ମୁଖ୍ୟ କୃଷ୍ଣଚନ୍ଦ୍ର ମହାପାତ୍ର, କାଶୀପୁର ବରିଷ୍ଠ ନେତା ଜଗଦୀଶ ପାତ୍ର ଓ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ପ୍ରମୁଖ ପ୍ରସ୍ତାବକ ଭାବେ ୪ଟି ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ଆଇନଜୀବୀ ନବ କାଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ରାୟଗଡ଼ା ସହରର ଶ୍ରଦ୍ଧା ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରଠାରୁ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଥିବା ବିଜେଡି କର୍ମୀ, ସମର୍ଥକଙ୍କ ଗହଣରେ ଜିଲ୍ଲା ସଭାପତି ଭାସ୍କର ରାଓଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ମୁଖ୍ୟ ବଜାର, ଓଭରବ୍ରିଜ ଦେଇ ରାୟଗଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ବସଷ୍ଟାଣ୍ଡ ନିକଟରେ ଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରୁ ବିଷମକଟକ ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ନିର୍ବାଚନ ମୁଖ୍ୟ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର ଦାସଙ୍କ ନେତୃତ୍ୱରେ ଆଇନ ମନ୍ତ୍ରୀ ତଥା ବିଷମକଟକ ବିଧାନସଭା ଆସନ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା ନିଜ ନିର୍ବାଚନମଣ୍ଡଳୀର ଚାରୋଟି ବ୍ଲକରୁ ଆସିଥିବା ହଜାର ହଜାର ସଂଖ୍ୟକ କର୍ମୀ ଓ ସମର୍ଥକଙ୍କ ଗହଣରେ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନଗର ପରିକ୍ରମା କରି ବିଶାଳ ବାଇକ ଶୋଭାଯାତ୍ରାରେ ପହଞ୍ଚିଥିଲେ। ଶ୍ରୀ ସାରକା ମଧ୍ୟ ଦୀର୍ଘ ୨୫ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତିକୁ ରାଜ୍ୟବାସୀ ପସନ୍ଦ କରି ଆସୁଥିବା ଏବଂ ଚଳିତ ନିର୍ବାଚନରେ ମୋ ନିର୍ବାଚନମଣ୍ଡଳୀର ସମସ୍ତ ଭୋଟର ଭାଇଭଉଣୀ ବିପୁଳ ଭୋଟ ଦେଇ ମୋତେ ତାଙ୍କ ସେବା କରିବାର ପୁଣି ଥରେ ସୁଯୋଗ ଦେବେ ବୋଲି ଆଶା କରି ବିଜୟ ହେବି ବୋଲି କହିଛନ୍ତି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାଶ, ଜିଲ୍ଲା ପରିଷଦ ସଦସ୍ୟା ବିଜୟ ଶାନ୍ତି କୁମୁରିକା, ବିଷମ କଟକ ବ୍ଲକ ଉପସଭାପତି ଦେବୀପ୍ରସାଦ ପଟ୍ଟନାୟକ, ଗୋପାଳକୃଷ୍ଣ ପଟ୍ଟନାୟକ, ଡି.ଶିବ ପ୍ରସାଦ, ବିଦ୍ୟା ପ୍ରଧାନୀ, କୋଲନାରା ବ୍ଲକ ଅଧ୍ୟକ୍ଷା ସଂଯୁକ୍ତ କୁଲସିକା, ପୃଥ୍ୱୀରାଜ ସାହୁ, ଜ୍ୟୋତିପ୍ରସାଦ ସାହୁ, ଏନ୍.ଚିନାରାଓ ପଟ୍ଟନାୟକ, ମୁନିଗୁଡା ବ୍ଲକ ସଭାପତି ରତନଲାଲ ଜୈନ୍, ଧୀରୁ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ଧବଳେଶ୍ୱର ନାଇଡୁ, ମାଧାରାଓ କଣ୍ଡାଗୋରି, ଚନ୍ଦ୍ରଶେଖର ନାଇଡୁ, ଜି.ଶ୍ରିନୁ, ବୃନ୍ଦାବନ ପାଢ଼ି(ଟିଟି), ପୂର୍ଣ୍ଣଚନ୍ଦ୍ର ଗୌଡ, ଜଗନ୍ନାଥ ଆଚାରି, ସୀମାଞ୍ଚଳ ଦାଶ, ସୀମା ପାତ୍ର, ଅମିତାଭ ପଟ୍ଟନାୟକ, ଆଇନଜୀବୀ ଶଙ୍କର ଶଣ ରଥ, ପ୍ରଶାନ୍ତ ରଥ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲେ।

ବୁଧବାର ୨୪ ତାରିଖରେ ଗୁଣୁପୁର ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ବିଶାଳ ଶୋଭାଯାତ୍ରାରେ ଆସି ନିଜ ନାମାଙ୍କନପତ୍ର ଗୁଣୁପୁର ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କଠାରେ ଦାଖଲ କରିବେ ବୋଲି ଜଣାପଡ଼ିଛି।

ଆଜି ଷଷ୍ଠ ଦିନରେ ରାୟଗଡ଼ା ରିଟର୍ଣ୍ଣିଂ ଅଧିକାରୀଙ୍କଠାରେ ରାୟଗଡ଼ା ବିଧାନସଭା ଆସନ ପାଇଁ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ମାଝି ନିଜ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ବିଷମକଟକ ବିଧାନସଭା ଆସନ ପାଇଁ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ଜିତେନ୍ଦ୍ର ଜାକକା ଏବଂ ନବଭାରତ ନିର୍ମାଣ ସେବା ପାର୍ଟି ପ୍ରାର୍ଥୀ ଅନୀତା ପିଡିକାକା ମଧ୍ୟ ନିଜ ନାମାଙ୍କନପତ୍ର ଦାଖଲ କରିଥିବା ରିଟର୍ଣ୍ଣିଂ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଭାସ୍କରଚନ୍ଦ୍ର ରଇତଙ୍କ କାର୍ଯ୍ୟାଳୟରୁ ଜଣାପଡ଼ିଛି। ଜିତେନ୍ଦ୍ର ଜାକକା ତାଙ୍କ ସମର୍ଥକଙ୍କ ସହ ରାୟଗଡ଼ା ବସଷ୍ଟାଣ୍ଡସ୍ଥିତ ବାବାସାହେବ ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିସାରି ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ପ୍ରସ୍ତାବକ ରବୀନ୍ଦ୍ର ଗରଡିଆଙ୍କ ସହ ଯାଇ ଦୁଇ ସେଟ୍ ନାମାଙ୍କନପତ୍ର ପ୍ରଦାନ କରିଛନ୍ତି। ଏ ଅବସରରେ ବିଶିକେଶନ ଟାକ୍ରି, ପୂର୍ଣ୍ଣ ଟାକ୍ରି.ଶିବ ପ୍ରାସ୍କା, ପପନା ହିକକା, ପ୍ରସାଦ କୁଟୁକା, ମମତା କୁଲାକା ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ, ବିଷମକଟକ ନିର୍ବାଚନମଣ୍ଡଳୀର ବିଧାନସଭା ଆସନ ପାଇଁ କଂଗ୍ରେସ୍ ପ୍ରାର୍ଥୀ ନୀଳମାଧବ ହିକକା ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମୁନିଗୁଡା ବ୍ଲକ ସଭାପତି ନୀଳାମ୍ବର ବିଭାର, ସରପଞ୍ଚ ଅଜିତ ସାରକା, କୋଲନରା ବ୍ଲକ ସଭାପତି ୱାଇ ଗୋବର୍ଦ୍ଧନ ରାଓ, କଲ୍ୟାଣସିଂହପୁର ବ୍ଲକ ସଭାପତି ନାଗେଶ ରାଓଙ୍କ ସହ ଯାଇ ଅତିରିକ୍ତ ଜିଲ୍ଲାପାଳ ଭାସ୍କାର ରୋଇତଙ୍କ ନିଟରେ ଚାରୋଟି ସେଟ୍ ନାମାଙ୍କନପତ୍ର ପ୍ରଦାନ କରିଛନ୍ତି। କୋରାପୁଟ ସାଂସଦ ସପ୍ତଗିରି ଉଲାକା, ଆପଲସ୍ୱାମି କାଡ୍ରାକା, ଏମ୍.ପି ପ୍ରତିନିଧି ମାନସ ରଞ୍ଜନ ବେହେରା, ଜିଲ୍ଲା ଉପସଭାପତି ପଞ୍ଚା କରକରିଆ, ରଜନି ପାଡାଲ, ଓବିସି ସେଲ ଜିଲ୍ଲା ସଭାପତି ପ୍ରସାଦ ମହାଙ୍କୁଡ, ପୂର୍ବତନ ଉପାଧ୍ୟକ୍ଷ ଦିଲ୍ଲୀପ ପଟ୍ଟନାୟକ, ବ୍ଲକ ସଭାପତି କୃଷ୍ଣ ନାଣକା, ପୁରୁଷୋତମ ତୁଳ, ଇସାକ ଭାତ୍ରା, କିନୁ କନ୍ଧପାଣି, ଇକବାଲ୍, ରାମୁ, ଶୁଭେନ୍ଦ୍ର ନାରାୟଣ ଚୌଧୁରୀ, ଦିଲୀପ ମହରଣା, ବିଘନ ପାତ୍ର, କୁମାର ସ୍ୱାମୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

ରାୟଗଡ଼ା ଜିଲ୍ଲା ଗୁଣୁପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ସତ୍ୟଜିତ ଗମାଙ୍ଗ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ତ୍ରିନାଥ ମନ୍ଦିର ଛକ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ପୁରୁଣା ବସଷ୍ଟାଣ୍ଡ, ନୂଆ ବସଷ୍ଟାଣ୍ଡ ଓ ବଳରାମ ନଗର ଦେଇ ଏହି ଶୋଭାଯାତ୍ରା ଓ ପ୍ରାର୍ଥିପତ୍ର ଦାଖଲ ସମୟରେ ଏଆଇସିସି ପକ୍ଷରୁ କୋରାପୁଟ ଲୋକସଭା ପ୍ରଭାରୀ ରବୀନ୍ଦ୍ର ଦାଲବି, ପିସିସି ପକ୍ଷରୁ ଦୁର୍ଗା ପଣ୍ଡା, ସୁନୀଲ ପଣ୍ଡା, ଶଙ୍କର୍ଷଣ ମଙ୍ଗରାଜ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ବିଜୟ ଗମାଙ୍ଗ ଅନୁପସ୍ଥିତ ଯୋଗୁଁ ଦଳୀୟ ଫାଟ ଓ ଗୋଷ୍ଠୀ କନ୍ଦଳକୁ ଦାଣ୍ଡରେ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷରେ ଗୁଣୁପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ ବିଧିବଦ୍ଧ ଭାବେ କଂଗ୍ରେସ ଦଳରେ ନ ମିଶି ଖୁଲମ୍ ଖୋଲା କଂଗ୍ରେସ ଶୋଭାଯାତ୍ରା ସାମିଲ୍ ହେବା ଓ ପ୍ରାର୍ଥିପତ୍ର ଦାଖଲ ସମୟରେ ସତ୍ୟଜିତଙ୍କ ସଙ୍ଗେ ରହିଥିବା ଦେଖିବାକୁ ମିଳିଛି।

- କୌଶଲ୍ୟା ଓ ରଘୁରାମଙ୍କ ନାମାଙ୍କନପତ୍ର ଦାଖଲ
- ନାମାଙ୍କନ କଲେ ବିଜେଡିର ଅନସୂୟା ଓ ଜଗନ୍ନାଥ
- କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା ଓ ପ୍ରାର୍ଥିପତ୍ର ଦାଖଲ

ମାଲକାନଗିରି ବିଧାନସଭା ଓ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ବହୁଜନ ସମାଜ ପାର୍ଟି ବିଧାୟକ ପ୍ରାର୍ଥୀମାନେ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମାଲକାନଗିରି ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଦୁର୍ଯ୍ୟୋଧନ ଭୋଇଙ୍କ ନିକଟରେ ମାଲକାନଗିରି ନିର୍ବାଚନମଣ୍ଡଳୀ ପାଇଁ ବହୁଜନ ସମାଜ ପାର୍ଟିର ବିଧାୟକ ପ୍ରାର୍ଥୀ ଲଳିତ ନାରାୟଣ ମାଡକାମୀ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ପାଇଁ ବହୁଜନ ସମାଜ ପାର୍ଟିର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ପଲାସୀ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣି ଅଧିକାରୀ ସୋମନାଥ ପ୍ରଧାନଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରଥମେ ଉଭୟ ବିଧାୟକ ପ୍ରାର୍ଥୀ ସ୍ଥାନୀୟ ବସଷ୍ଟାଣ୍ଡରୁ ବାହାରି ଏକ ବିରାଟ ଶୋଭାଯାତ୍ରା ସହ କୋୟା, ଦୁରୁଆ ଓ ପରଜା ଆଦିବାସୀଙ୍କ ନୃତ୍ୟବାଦ୍ୟର ତାଳେ ତାଳେ ମାଲକାନଗିରି ସହର ପରିକ୍ରମା କରି କାର୍ଯ୍ୟାଳୟରେ ପହଞ୍ଚିଥିଲେ।

ସେହିପରି ନବରଙ୍ଗପୁର ଜିଲ୍ଲା ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଏସ୍‌ୟୁସିଆଇ (କମୁନିଷ୍ଟ) ପାର୍ଟି ପ୍ରାର୍ଥୀ ତ୍ରିନାଥ ମୁଣ୍ଡା ଗୁଡ଼ିଆ ଦ୍ୱିତୀୟ ସେଟ ପ୍ରାର୍ଥିପତ୍ର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ. କମଳ ଲୋଚନ ମିଶ୍ରଙ୍କ ପାଖରେ ଦାଖଲ କରିଛନ୍ତି। ସେ ଗତକାଲି ନିଜର ପ୍ରଥମ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ନବରଙ୍ଗପୁର ଜିଲ୍ଲା ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଦଶରଥ ମାଝୀ ନିଜର ପ୍ରାର୍ଥିପତ୍ର ରିଟର୍ଣ୍ଣିଂ ଅଧିକାରୀ ଅତିରିକ୍ତ ଜିଲାପାଳ ନବୀନଚନ୍ଦ୍ର ନାୟକ (ରାଜସ୍ୱ)ଙ୍କ ପାଖରେ ଦାଖଲ କରିଛନ୍ତି। ଆଜିର ଷଷ୍ଠ ଦିନରେ ନବରଙ୍ଗପୁର, ଡାବୁଗାଁ ଏବଂ ଝରିଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିନାହାଁନ୍ତି।

କୋରାପୁଟ ଲୋକସଭା (ଏସ୍‌ଟି) ଓ କୋରାପୁଟ ବିଧାନସଭା (ଏସସି) ଆସନ ପାଇଁ ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକକା ଏବଂ ରଘୁରାମ ପଡ଼ାଲ କୋରାପୁଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶ୍ରୀ ପଡ଼ାଲ ଓ କୌଶଲ୍ୟା ୧୦ ହଜାରରୁ ଅଧିକ ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ଗହଣରେ କୋରାପୁଟରେ ପହଞ୍ଚିଥିଲେ। ରଘୁରାମ ପଡ଼ାଲ ଆର୍‌ଟିଓ ଅଫିସ ପଡ଼ିଆ ନିକଟରୁ ଆଦିବାସୀ ନୃତ୍ୟବାଜା ସହ ଏକ ବିରାଟ ଶୋଭାଯାତ୍ରାରେ ଆସି ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ବେଣୁଧର ଶବରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ପୂର୍ବତନ ବିଧାୟକ ଗୁପ୍ତପ୍ରସାଦ ଦାଶ, ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ମହିଳା ବିଜେଡି ପର୍ଯ୍ୟବେକ୍ଷିକା ମୀରା ପରିଡ଼ା, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଯୁବ ବିଜେଡି ଜିଲ୍ଲା ସଭାପତି ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌର ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଅମିତ ଅଗ୍ରୱାଲ, ଜିଲ୍ଲା ଯୁଗ୍ମ ସମ୍ପାଦକ ତ୍ରିପତି ପାଣିଗ୍ରାହୀ, ଯୁବନେତା ଶଙ୍କର ସାଉଁତା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ, ବିଜୁ ଜନତା ଦଳ ପକ୍ଷରୁ ପୁନର୍ବାର ପ୍ରାର୍ଥୀ ହୋଇଥିବା ବିଧାୟକ ପ୍ରଭୁ ଜାନୀ ମଙ୍ଗଳବାର ସହସ୍ରାଧିକ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ପହଞ୍ଚି ନିର୍ବାଚନ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିବା ଜଣା ପଡ଼ିଛି। ସେହିପରି କୋରାପୁଟ ଲୋକସଭା ଆସନ ନିମନ୍ତେ କୌଶଲ୍ୟା ହିକକା ମାଉସୀ ମା’ ମନ୍ଦିର ଛକରୁ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଭି. କୀର୍ତ୍ତିଭାସନଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ କୋରାପୁଟ ଲୋକସଭା ଆସନ ନିମନ୍ତେ ବହୁଜନ ସମାଜ ପାର୍ଟିରୁ ଦାମିନି ଜାନି, ଆର୍‌ପିଆଇର ସନ୍ତୋଷ ବିଡ଼ିକା ଏବଂ କଂଗ୍ରେସ ଦଳର ଅସନ୍ତୁଷ୍ଟ ନେତା ଅବିନାଶ ଗମାଙ୍ଗ ନାମାଙ୍କନ ଦାଖଲ କରିଥିବା ବେଳେ କୋରାପୁଟ ବିଧାନସଭା ପାଇଁ ଶିବ ଶଙ୍କର ଶଗଡ଼ିଆ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି।







## ସପ୍ତଗିରିଙ୍କ ରାସ୍ତାରେ କଣ୍ଟା ହେବେ କି ଅବିନାଶ ?

# ସଂସଦୀୟ କ୍ଷେତ୍ର ପାଇଁ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କଲେ

**କୋରାପୁଟ, ୨୩।୪(ସମିସ)**

କୋରାପୁଟ ସଂସଦୀୟ କ୍ଷେତ୍ରରେ ଅବିନାଶ ଗମାଙ୍ଗ କୋରାପୁଟ ଲୋକସଭା ପାଇଁ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିବା ପରେ କଂଗ୍ରେସ ଶିବିରରେ ବିବାଦ ଓ ଅସନ୍ତୋଷ ଦେଖାଦେଇଛି। ଅବିନାଶଙ୍କ ବାପା ରାୟଗଡ଼ା ଜିଲ୍ଲା କଂଗ୍ରେସର ଜଣେ ବରିଷ୍ଠ ନେତା ତଥା ଜିଲ୍ଲା ସଭାପତି ଥିବା ବେଳେ ଗୁଣପୁରର ଯୁବ କଂଗ୍ରେସ ସଭାପତି ଅବିନାଶ ଥିଲେ। ସାଂଗଠନିକ ଦକ୍ଷତା ଓ କଂଗ୍ରେସର ନୀତି ଆଦର୍ଶ ନେଇ ସେ ଜଣେ ସକ୍ରିୟ ଯୁବ ନେତା ଭାବେ ରାୟଗଡ଼ାରେ ତାଙ୍କର ସ୍ଥିତି ବେଶ ମଜବୁତ ଥିବା ବେଳେ କୋରାପୁଟ ଲୋକସଭା ପାଇଁ ସେ ପ୍ରାର୍ଥୀ ହେବା ଓ କଂଗ୍ରେସର ସପ୍ତଗିରି ଶଙ୍କର ଉଲ୍ଲାକାଙ୍କୁ ଟକ୍କର ଦେବା ଏକ ପ୍ରକାର କଂଗ୍ରେସ ପାଇଁ ମୁଣ୍ଡବ୍ୟଥା ପାଲଟିଥିବା ବେଳେ ଗୋଳିଆ ପାଣିରୁ ବିଜେଡି ନେଇପାରେ ଫାଇଦା। କୋରାପୁଟ ସଂସଦୀୟ କ୍ଷେତ୍ରରୁ ଅବିନାଶ ଗମାଙ୍ଗ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବେ। ସ୍ୱାଧୀନ ପ୍ରାର୍ଥୀ ଭାବେ ଅବଶ୍ୟ ହାତଗଣତି ସମର୍ଥକଙ୍କୁ ନେଇ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ



ପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ପରେ ଗଣମାଧ୍ୟମକୁ ସେ ସାଂସଦ ସପ୍ତଗିରିଙ୍କ ବିରୋଧରେ ବିଷ ଓଗାଳିବା ବେଳେ କଂଗ୍ରେସ ପ୍ରତି ଓ କଂଗ୍ରେସ କର୍ମୀଙ୍କ ପ୍ରତି ସପ୍ତଗିରି ବିଶ୍ୱାସଘାତକତା କରିଥିବା କଥା ସେ ପରୋକ୍ଷରେ କହିଛନ୍ତି। ସେ ଜଣେ କଂଗ୍ରେସ କର୍ମୀ ଥିଲେ। ତାଙ୍କ ବାପା ଏବେ ବି ଜିଲ୍ଲା କଂଗ୍ରେସର ମଙ୍ଗୁଆଳ ତଥାପି କଂଗ୍ରେସ ତାଙ୍କୁ ସପ୍ତଗିରିଙ୍କ ପ୍ରରୋଚନାରେ ଅଣଦେଖା କରିବାରୁ ବାପାଙ୍କୁ ଛାଡି ଦଳରୁ ଇସ୍ତଫା ଦେଇ ସପ୍ତଗିରିଙ୍କ ବିରୋଧରେ ଲଢିବା ପାଇଁ ସେ ବାଧ ହେଲେ ବୋଲି ଜଣାଇଛନ୍ତି। ଏପରିକି ସାଂସଦଙ୍କ ପ୍ରତି ବିଶେଷ କରି ରାୟଗ?ାରେ ସମସ୍ତଙ୍କ ମନରେ କ୍ଷୋଭ ଓ ଅସନ୍ତୋଷ ରହିଥିବାରୁ ସେମାନେ ସମ୍ମାନ ଜଣାଇ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢିବେ ବୋଲି କହିଛନ୍ତି। ଏହାଛଡା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସର ପ୍ରାର୍ଥୀଙ୍କୁ ନେଇ ବିକ୍ଷୋଦାଗାର କରିବା ସହ ଅଣ କଂଗ୍ରେସ ଲୋକଙ୍କ ଦ୍ୱାରା ଗୁଣପୁର କଂଗ୍ରେସ ପରିଚାଳିତ ବୋଲି କହିଛନ୍ତି। ସାଂସଦ ଥିବା ସପ୍ତଗିରି ୫ ବର୍ଷ ଭିତରେ ଆଦିବାସୀଙ୍କ ପାଇଁ କିଛି ବି କାର୍ଯ୍ୟ କରିନାହାଁନ୍ତି। ଏମିତିକି ସଂସଦୀୟ କ୍ଷେତ୍ରର କେତେକ ସ୍ଥାନକୁ ୫ ବର୍ଷରେ ତାଙ୍କର ପାଦ ଥରେ ମଧ୍ୟ ପଡ଼ିନଥିବା ସେ କହିଛନ୍ତି। ମୋର ବାପା ବିଜୁ ଗମାଙ୍ଗ ୩୫ ବର୍ଷ ହେଲା କଂଗ୍ରେସ ପାଇଁ କାର୍ଯ୍ୟ କରିଛନ୍ତି। ଲୋକଙ୍କ ଦୁଃଖରେ ଠିଆ ହୋଇଛନ୍ତି; ମୁଁ ମଧ୍ୟ ୨୦୧୭ରୁ ଦଳ ପାଇଁ କାର୍ଯ୍ୟ କରୁଛି ଓ ଦଳ ଆମ ପ୍ରତି ବିଶ୍ୱାସଘାତକତା କରିଛି ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ରାଜ୍ୟ ସଭାପତିଙ୍କୁ ସେ ଇସ୍ତଫା ପତ୍ର ପଠାଇ ଦେଇଥିବାବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘରକୁ ଘରକୁ ବୁଲି ଭୋଟ ଭିକ୍ଷା କରିବି ବୋଲି ସେ କହିଛନ୍ତି।

ବିଜୁ ଜନତା ଦଳର ନିର୍ବାଚନୀ ସମୀକ୍ଷା ଓ ମିଶ୍ରଣ ପର୍ବ

# କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ପ୍ରଣବ ପ୍ରକାଶ



**ମାଲକାନଗିରି, ୨୩।୪(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଜେଡିର ନିର୍ବାଚନ ସମୀକ୍ଷା ବୈଠକ ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇ ନିର୍ବାଚନକୁ ନେଇ ସମୀକ୍ଷା ଏବଂ ରଣନୀତି ପ୍ରସ୍ତୁତ କରିବା ସହ ମାଲକାନଗିରି ଜିଲ୍ଲାର ୨ଟି ବିଧାନସଭା ଆସନ ଓ ନବରଙ୍ଗପୁର ସାଂସଦ ଆସନରେ କିଭଳି ବିଜେଡିର ପ୍ରାର୍ଥୀମାନେ ବିଜୟ ଲାଭ କରିବେ ସେନେଇ ଗୁରୁମନ୍ତ୍ର ଦେଇଥିଲେ। ନିର୍ବାଚନୀ ସ୍ଥିତି ସମୀକ୍ଷା ଏବଂ ରଣନୀତି ପ୍ରସ୍ତୁତ କରିବା ସହ ଦଳୀୟ କର୍ମୀଙ୍କୁ ତୃଣମୂଳ ସ୍ତରରୁ ଲୋକଙ୍କ ସହ ଯୋଡି ହୋଇ ଦଳକୁ ଆହୁରି ଅଧିକ ସୁଦୃଢ କରିବା ସହ ବିପୁଳ ଭୋଟରେ ବିଜେଡିକୁ ବିଜୟ ଲାଭ କରିବା ପାଇଁ ଉପଦେଶ ଦେଇଥିଲେ। ପଡ଼ିଆ ବ୍ଲକର ପ୍ରାୟ ୫୦ ବରିଷ୍ଠ ସକ୍ରିୟ କଂଗ୍ରେସ କର୍ମୀ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ମାଲକାନଗିରି ବିଜୁ ଜନତା ଦଳ ଦଳୀୟ ସାଙ୍ଗଠନକୁ ମଜବୁତ କରିବା ନିମନ୍ତେ କର୍ମୀମାନଙ୍କୁ ପ୍ରୋତ୍ସାହିତ କରି ଉତ୍ତରୀୟ ଦେଇ ନବାଗତଙ୍କୁ ଶ୍ରୀ ଦାସ ଦଳକୁ ସ୍ୱାଗତ କରିଥିଲେ। କୋରାପୁଟ ବିଜେଡି ଜିଲ୍ଲା ସଭାପତି ଈଶ୍ୱରଚନ୍ଦ୍ର ପାଣିଗ୍ରାହୀ, ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ବିଧାୟକ ପ୍ରାର୍ଥୀ ମାନସ ମାଡକାମୀ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ଜିଲ୍ଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ ପ୍ରମୁଖଙ୍କ ସହ ମାଲକାନଗିରି ନିର୍ବାଚନମଣ୍ଡଳୀର ସମସ୍ତ ବରିଷ୍ଠ ସକ୍ରିୟ କାର୍ଯ୍ୟକର୍ତ୍ତା, ଯୁବ ଛାତ୍ର ମହିଳା ସମସ୍ତେ ଉପସ୍ଥିତ ଥିଲେ।

## ନିର୍ବାଚନ ପୂର୍ବରୁ ଜୋର୍ ଧରୁଛି ଦଳୀୟ ମିଶ୍ରଣ ପର୍ବ





**ଜୟପୁର, ୨୩।୪(ସମିସ)** ସାଧାରଣ ନିର୍ବାଚନ ପୂର୍ବରୁ କୋରାପୁଟ ଜିଲ୍ଲା ଜୟପୁର ସହରରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଜୟପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ରାଜନୈତିକ ଦଳରେ ଏବେ ଜୋର୍ ଧରିବାରେ ଲାଗିଛି ଦଳୀୟ ମିଶ୍ରଣ ପର୍ବ। ଆସନ୍ତା ମେ ୧୩ ତାରିଖ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ଏବେ କର୍ମୀଙ୍କ ଦଳ ଛାଡିବା ଓ ନୂତନ କର୍ମୀ ଅନ୍ୟ ଦଳରୁ ଆସି ଯୋଗଦେବା ଭଳି ଘଟଣା ନିୟମିତ ଦେଖିବାକୁ ମିଳୁଛି। ଏହି ରାଜନୈତିକ ଦୌଡ଼ରେ ବିଜେଡି ଆଗୁଆ ରହିଥିବା ଦେଖିବାକୁ ମଧ ମିଳୁଛି। ତେବେ, ମଙ୍ଗଳବାର ପୂର୍ବାହ୍ନରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ବାସଭବନଠାରେ ଆୟୋଜିତ କଂଗ୍ରେସର ଏକ ମିଶ୍ରଣ ପର୍ବରେ ସ୍ଥାନୀୟ ଖ୍ରୀଷ୍ଟିଆନସାହି ଏବଂ ଡଙ୍ଗରଛିଞ୍ଚି ପଞ୍ଚାୟତର କିଛି ଯୁବକ ସାମିଲ ହୋଇଛନ୍ତି। ଡଙ୍ଗରଛିଞ୍ଚି ପଞ୍ଚାୟତର ପ୍ରାୟ ୨୨ ଜଣ ଯୁବକ ଏବଂ ଖ୍ରୀଷ୍ଟିଆନ୍ ସାହିର ୧୫ ଜଣ ଯୁବକ ଦଳରେ ସାମିଲ ହୋଇଛନ୍ତି। ଜୟପୁର ବିଧାୟକ ଶ୍ରୀ ବାହିନୀପତି, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, କାଉନସିଲର ପ୍ରଣବ କିଶୋର ନାୟକ, ବ୍ଲକ ସଭାପତି ବସନ୍ତ ନାୟକ, ଯୁବନେତା ସୁକାନ୍ତ ପଟ୍ଟନାୟକ, ଦେବେନ୍ଦ୍ର ବାହିନୀପତି, ବ୍ରଜ ନାଗ ପ୍ରମୁଖଙ୍କ ଉପସ୍ଥିତିରେ ଉପଢୌକୋନ ପ୍ରଦାନ କରି ଦଳକୁ ସ୍ୱାଗତ କରିଛନ୍ତି। ସେହିପରି ମଧ୍ୟାହ୍ନରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ବାସଭବନଠାରେ ଆୟୋଜିତ ବିଜେଡିର ଏକ ମିଶ୍ରଣ ପର୍ବରେ ସହରର ଯୁବ ସମାଜସେବୀ ନିଶାନ ପଟ୍ଟନାୟକ ବିଜେଡି ଦଳରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ସୁଶାସନ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହେବା ସହ ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦଙ୍କ ଦୃଢ଼ ସଂଗଠନରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଅତିରିକ୍ତ ଆଶ୍ରୟ ଗୃହ ଉଦ୍‌ଘାଟିତ



**ଗୁଣୁପୁର, ୨୩।୪(ସମିସ):** ଲିମାମେଡ଼ାଠାରେ ଥିବା ବାଳକ ଶିଶୁଯତ୍ନ ଅନୁଷ୍ଠାନ ପରିସରରେ ନୂତନ ଅତିରିକ୍ତ ଆଶ୍ରୟ ଗୃହ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ଯୋଗ ଦେଇଥିଲେ। ବିଭିନ୍ନ ସମୟରେ ପୁଲିସ, ଚାଇଲଡ଼ ହେଲ୍ପ ଲାଇନ, ସମାଜସେବୀଙ୍କ ଦ୍ୱାରା ଉଦ୍ଧାର ହେଉଥିବା ଶିଶୁ, ଶିଶୁ ଶ୍ରମିକ, ଅସହାୟ ଅବସ୍ଥାରେ ଉଦ୍ଧାର ହେଉଥିବା ବ୍ୟକ୍ତି ବିଶେଷଙ୍କୁ ଏହି ଅନୁଷ୍ଠାନରେ ଶିଶୁ ମଙ୍ଗଳ କମିଟିର ସୁପାରିସରେ ଆଣି ଛଡ଼ାଯାଉଛି। ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପରିଚାଳନା କମିଟି, ବଦାନ୍ୟ ବ୍ୟକ୍ତି ଓ କର୍ମକର୍ତ୍ତାଙ୍କ ସହାୟତାରେ ଏକ ଅତିରିକ୍ତ ଆଶ୍ରୟ ଗୃହ ନିର୍ମାଣ କରାଯାଇଛି। ଏଣିକି ଉଦ୍ଧାର ହେଇ ଆସୁଥିବା ଶିଶୁଙ୍କ ରହଣୀ ବ୍ୟବସ୍ଥା ସୁଚାରୁରୂପେ ହୋଇ ପାରିବ ବୋଲି ଅନୁଷ୍ଠାନ ସଭାପତି ଏଲ ସୁରେଶ କହିଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରତାପଚନ୍ଦ୍ର ଦାଶ, ନିରାକାର ପାଢ଼ୀ, ଅନୁଷ୍ଠାନ ପରିଚାଳନା କମିଟିର ସଭାପତି, ସମ୍ପାଦିକା, ପରିଚାଳକଙ୍କ ସହ ଅନୁଷ୍ଠାନର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ମା' ମୁତ୍ୟାଲୁମାଙ୍କ ୨୫ତମ ଚୈତ୍ରଯାତ୍ରା ଉଦ୍‌ଯାପିତ



**ଗୁଣୁପୁର, ୨୩।୪(ସମିସ):** ଅଧିଷ୍ଠାତ୍ରୀ ଦେବୀ ମା' ମୁତ୍ୟାଲୁମାଙ୍କ ୨୫ତମ ଶୀତଳ ଚୈତ୍ର ଯାତ୍ରା ଶେଷ ହୋଇଯାଇଛି। ମଙ୍ଗଳବାର ସକାଳେ ମା'ଙ୍କ ପଞ୍ଚାମୃତ ଅଭିଷେକ ହେବା ପରେ ଅଳଙ୍କାର ଦର୍ଶନ, ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା, ଆଳତୀ, ପୁଷ୍ପାଞ୍ଜଳି, ଦେବତା ବିସର୍ଜନ, ଶାଳାଉତ୍ସର୍ଗ ହୋଇଥିଲା। ଆଜି ଚୈତ୍ର ମାସର ଶେଷ ମଙ୍ଗବାର ହେଇଥିବାରୁ ଆଜି ମନ୍ଦିର ପରିସରରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ହୋଇଥିଲା। ଚଳିତ ବର୍ଷ ଚୈତ୍ର ଯାତ୍ରା ୨୫ ବର୍ଷ ହେଇଥିବାରୁ ଜଗତ କଲ୍ୟାଣ ନିମନ୍ତେ ପଞ୍ଚକୁଣ୍ଡ ହୋମଯଜ୍ଞ ଆୟୋଜନ କରାଯାଇଥିବା ବେଳେ ଆଜି ସନ୍ଧ୍ୟାରେ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ହୋମଯଜ୍ଞ ପୂଜାକୁ ପୂଜକ ଭାବେ ପ୍ରଭାତ ରଥଶର୍ମା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ମନ୍ଦିର ପୂଜକ ଭାବେ ବି କିଶୋର କୁମାର, ଏମ କିଷାନ ଓ ଏମ ରାଜା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହି ଯାତ୍ରାକୁ ମନ୍ଦିର ଟ୍ରଷ୍ଟି ସଭ୍ୟ ଓ ଯୁବ ଗୋଷ୍ଠୀଙ୍କ ସହଯୋଗରେ ପରିଚାଳନା କରାଯାଇଥିଲା ଭକ୍ତଙ୍କ ପାଇ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ହିଣ୍ଡାଲ୍‌କୋ ସହଯୋଗରେ ଆନ୍ତଃଗ୍ରାମ୍ୟ ଭଲିବଲ ପ୍ରତିଯୋଗିତା




**ସେମିଳିଗୁଡ଼ା, ୨୩।୪(ସମିସ):** ଗ୍ରାମାଞ୍ଚଳରେ ଯୁବ ପ୍ରତିଭାର ବିକାଶ ସହ ବିଭିନ୍ନ ଗ୍ରାମର ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି କରିବା ନିମନ୍ତେ କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ସୋରିଷ ପଦର ପଞ୍ଚାୟତର ଭିତରକଟା ଗ୍ରାମ ପଡ଼ିଆଠାରେ ଏକ ଆନ୍ତଃଗ୍ରାମ୍ୟ ଦେଓମାଳି ଭଲିବଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଭିତରକଟା ଗ୍ରାମ କମିଟି ପକ୍ଷରୁ ଏହି ପ୍ରତିଯୋଗିତାକୁ ହିଣ୍ଡାଲକୋ, ସେମିଳିଗୁଡା ସହଯୋଗ କରିଛି। ତିନିଦିନିଆ ପ୍ରତିଯୋଗିତାରେ ସେମିଳିଗୁଡା ଏବଂ ପଟାଙ୍ଗି ବ୍ଲକର ସମୁଦାୟ ୩୨ଟି ଦଳ ଏଥିରେ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ହିଣ୍ଡାଲକୋ ସେମିଳିଗୁଡାର ୟୁନିଟ ହେଡ୍ ମନୋଜ ନାୟକ, ଏଜିଏମ୍ ପ୍ରତାପ ପାତ୍ର, ମ୍ୟାନେଜର ପ୍ରକାଶ ସାହୁ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ପ୍ରଥମ ମ୍ୟାଚ ଡେକାପାର ଓ ବରବନ୍ଧ ମଧ୍ୟରେ ଖେଳାଯାଇଥିଲା। ପ୍ରଥମ ଦିନ ୧୬ଟି ଦଳ ଏବଂ ଦ୍ୱିତୀୟ ଦିନ ୧୬ଟି ଦଳ ମଧ୍ୟରେ ପ୍ରତିଯୋଗିତା କରାଯାଇ ସର୍ବଶ୍ରେଷ୍ଠ ବିଜୟ ଦଳ ମଧ୍ୟରେ ଫାଇନାଲ ଖେଳ ହେବ। ବଦଗୁଡ଼ା, ମନ୍ତ୍ରୀଗୁଡା, ସିରିମୁଣ୍ଡା, କୁମ୍ବିଗୁଡ଼ା, ଭିତରକଟା, ପୁଟସିଲ, କଙ୍କଡ଼ାଆମ୍ବ, ବାଙ୍ଗୁରୁଗୁଡା, ତେନ୍ତୁଲିଗୁଡା, କଣ୍ଟି, କୋଟିଆ ଆଦି ଦଳ ଭାଗ ନେଉଛନ୍ତି। ଭିତରକଟା ଗ୍ରାମ କମିଟିର ଗୋପୀ ଖରା, ଅଥର୍ବ ଖରା, ନବୀନ ଖରା, ଅର୍ଜୁନ ଖରା, ଅମିନ ଖରା ଓ ଶ୍ୟାମ ଖରା ଦାୟିତ୍ୱ ବହନ କରିଛନ୍ତି।

## ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



**କଲ୍ୟାଣସିଂହପୁର, ୨୩।୪(ସମିସ):** ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଲ୍ୟାଣସିଂହପୁର ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନାଧିକାରୀ ନୀଳକଣ୍ଠ ବେହେରାଙ୍କ ନେତୃତ୍ୱରେ ଥାନା କର୍ମଚାରୀ ସମେତ ଇ/୪ର୍ଥ ସିଆରପିଏଫ ଯବାନ ପ୍ରମୁଖ ଧାମୁଣିପଙ୍ଗା, ସିଙ୍ଗାରି, ପାର୍ଷାଲି ଓ କଲ୍ୟାଣସିଂହପୁର ପଞ୍ଚାୟତରେ ପରିକ୍ରମା କରିବା ସହ ବୁଥଗୁଡିକ ବୁଲି ଦେଖିଥିଲେ। ନିର୍ବାଚନ ସମୟରେ ଓ ପୂର୍ବରୁ ଆଦର୍ଶ ନିର୍ବାଚନ ଆଚରଣବିଧି ପାଳନ ଏବଂ ଆଇନଶୃଙ୍ଖଳା ରକ୍ଷା କରିବା ଓ ଲୋକଙ୍କ ମନରୁ ଭୟ ଦୂର କରି ପୁଲିସ ଉପରେ ଆସ୍ଥା ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏହା କରାଯାଉଛି ବୋଲି ଥାନାଧିକାରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## ମହୁମାଛି ଆକ୍ରମଣରେ ୩ ଆହତ

**ମାଲକାନଗିରି, ୨୩।୪(ସମିସ):** ମହୁମାଛି ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିମନ୍ତ ରାୟ (୬୦), ଏଲ ତିରୁପତି (୪୬), ଏଲ ରାହୁଲ (୬)। ଡାକ୍ତର ରାଜନାରାୟଣ ସିଂ ଏମାନଙ୍କର ଚିକିତ୍ସା କରିଥିବା ଜଣାଯାଇଛି। ସୂଚନା ଅନୁସାରେ, ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ଛକରେ ଏକ ପ୍ରକାଣ୍ଡ ଗଛରେ ବାଘୁଆ ମହୁମାଛି ଫେଣା ତିଆରି କରି ଦୀର୍ଘଦିନ ଧରି ଥିବା ବେଳେ କିଛିଦିନ ଧରି ରାସ୍ତାରେ ଯାଉଥିବା ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଅଞ୍ଚଳବାସୀ ଏକପ୍ରକାର ସେହି ରାସ୍ତାରେ ଯିବାଆସିବା ପାଇଁ ଭୟ କରୁଛନ୍ତି। ଦଶ ଦିନ ତଳେ ପଡ଼ିଆ ସଦର ଗ୍ରାମର ମାଝୀ ଭିମା ରାଓ (୪୮) ଏବଂ ପି ଏଙ୍କଟ ରାଓ, ଏବଂ ଜଣେ ସ୍କୁଲ ଛାତ୍ରୀଙ୍କୁ ମହୁମାଛିମାନେ ଆକ୍ରମଣ କରି ଆହତ କରିଥିଲା ବେଳେ ଆଜି ତିନି ଜଣଙ୍କୁ ଆକ୍ରମଣ କରିବା ଫଳରେ ଆହତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଏହି ମହୁମାଛି ଫେଣାକୁ ତୁରନ୍ତ ବନବିଭାଗ ପକ୍ଷରୁ ପଦକ୍ଷେପ ନେଇ ହଟାଇବା ପାଇଁ ସ୍ଥାନୀୟ ସରପଞ୍ଚ ଗଙ୍ଗା କାରାମ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## 'ଲେଟସ୍ ୱାକ୍ ଟୁଗେଦର୍'ର ବୈଠକ

**ନବରଙ୍ଗପୁର, ୨୩।୪(ସମିସ):** ସମାଜସେବୀ ସଂଗଠନ 'ଲେଟସ୍ ୱାକ୍ ଟୁଗେଦର୍'ର ଏକ ବୈଠକ ନବରଙ୍ଗପୁର ହୋଟେଲ ତୃପ୍ତି ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଆବାହିକା ଅପରାଜିତା ଶତପଥୀ ଓ ନିରୁପମା ତ୍ରିପାଠୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ବୈଠକରେ ନବରଙ୍ଗପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗା, ସେବା ନିବୃତ କଳା ଶିକ୍ଷକ ପର୍ଶୁରାମ ସାହୁ, ସଂଗଠନର ସଦସ୍ୟ ରାମପ୍ରସାଦ ପାତ୍ର, ରବୀନ୍ଦ୍ର ତ୍ରିପାଠୀ ଓ ଅଧ୍ୟାପକ ଅଖିଳ ଭଟ୍ଟ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଏହି ସଂଗଠନ ଜରିଆରେ ଜିଲ୍ଲା ତଥା ଜିଲ୍ଲା ବାହାର ଯେକୌଣସି ଲୋକଙ୍କୁ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଥାଏ। ସ୍ୱାସ୍ଥ୍ୟସେବା ସହ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସମାଜର ଅବହେଳିତ ଲୋକଙ୍କୁ ଆବଶ୍ୟକ ସାହାଯ୍ୟ ଏହି ଅନୁଷ୍ଠାନ ଜରିଆରେ ପ୍ରଦାନ କରାଯାଇଥାଏ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ସରକାରୀ ଯୋଜନା ଅନୁଯାୟୀ ଲୋକଙ୍କ ପାଇଁ ସଂଗଠନକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କଳା ଶିକ୍ଷକ ପର୍ଶୁରାମ ସାହୁ ବିନା ମୂଲ୍ୟରେ ଛାତ୍ରଛାତ୍ରୀମାନଙ୍କୁ କଳା ପ୍ରଶିକ୍ଷଣ ଦେବେ ବୋଲି କହିଥିଲେ। ସାଇ କେୟାର ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦୁର୍ଗାପ୍ରସାଦ ପାଢ଼ୀ ଓ ନବରଙ୍ଗପୁର ପବ୍ଲିକ ସ୍କୁଲର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପଟ୍ଟନାୟକ ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିନାମୂଲ୍ୟରେ ଶିକ୍ଷାଦାନ କରିବା ପାଇଁ ଆଗ୍ରହୀ ଥିବା ଜଣାଇଥିଲେ। ଜିଲ୍ଲା କିନ୍ନର ସଂଘର ମନୋଜ ପଟ୍ଟନାୟକ, ପରିବର୍ତ୍ତନ ଫାଉଣ୍ଡେସନର ନିନିବାବୁ ତ୍ରିପାଠୀ, ଅନନ୍ତ ପଣ୍ଡା, ବିଚିତ୍ର ନାୟକ, ତପନ ବିଷୋୟୀ, ଆଇନଜୀବୀ ସୁବ୍ରତ ବେହେରା, ସାମ୍ବାଦିକ ପ୍ରଭଞ୍ଜନ ତ୍ରିପାଠୀ, ବବିତା ସାହୁ, ସୁନିତା ସାହୁକାର, ନିକିତା ରଥ ପ୍ରମୁଖ ସଂଗଠନକୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ରଙ୍କୁ ସଂଗଠନର ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।



## ସଞ୍ଜୀବନୀ ପାଲଟିଲା ବିଏସ୍‌କେୱାଇ କାର୍ଡ



**ଗୁଡ଼ାରୀ, ୨୩।୪(ସମିସ):** ପ୍ରାୟ ନଅ ମାସ କାଳ କର୍କଟ ରୋଗରେ ପୀଡ଼ିତ ଥିବା ଗୁଡାରୀ ଗୌଡ଼ସାହିର ମୃତ୍ୟୁଞ୍ଜୟ ପାଢ଼ୀ (୧୬) ଗତ ରବିବାର ମୃତ୍ୟୁ ମୁହଁରୁ ବଞ୍ଚି ଫେରି ଆସିଛନ୍ତି। ଯେତେବେଳେ ରୋଗ ଲକ୍ଷଣ ଜଣା ପଡ଼ିଥିଲା ରାଜ୍ୟ ସରକାରଙ୍କ ବିଏସକେୱାଇ କାର୍ଡ ତାଙ୍କୁ ସଞ୍ଜୀବନୀ ଭଳି କାମ କରିଥିଲା। ସମସ୍ତ ଖର୍ଚ୍ଚ ଏହି କାର୍ଡ ମାଧ୍ୟମରେ ହୋଇଥିବରୁ ପୁଣିଥରେ ନୂତନ ଜୀବନ ପାଇଛି ବୋଲି ମୃତ୍ୟୁଞ୍ଜୟ କହିଛନ୍ତି। ଚିକିତ୍ସିତ ହୋଇ ଫେରିବା ପରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛି ପିତା ନୃସିଂହ ପାଢ଼ୀ କହିଛନ୍ତି। ବିଶାଖାପାଟଣା (ପିନାକେଲ) ଚିକିତ୍ସାଳୟରେ ପୁଅର କର୍କଟ ଚିକିତ୍ସା ସହ ମୋର ହାଇଡ୍ରୋସିଲ ଅସ୍ତ୍ରୋପଚାର କରି ଭଲ ହୋଇଛି ବୋଲି କହିବା ସହ ରାଜ୍ୟ ସରକାରଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି। ନବୀନ ପଟ୍ଟନାୟକଙ୍କ ଏହି ଯୋଜନା ମାଧ୍ୟମରେ ଓଡ଼ିଶାର ସବୁ ଜିଲ୍ଲା ସାଧାରଣ ଲୋକେ ଚିକିତ୍ସା ହେବାର ମୁ ନିଜ ଆଖିରେ ଦେଖିଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ବିଶାଖାପାଟନା ଚିକିତ୍ସାଳୟରେ ତାଙ୍କ ଚିକିତ୍ସା ଜାରି ରଖିବା ସହ ସ୍ୱାସ୍ଥ୍ୟଗତ ନିରୀକ୍ଷଣ ପାଇଁ ତାଙ୍କୁ ସେହି ହସ୍ପିଟାଲକୁ ନିୟମିତ ଭାବେ ଘରୁ ଯିବାକୁ ପଡ଼ିବ। ଏଥିପାଇଁ ସେ ଚିନ୍ତିତ ଅଛନ୍ତି। ଗରିବ ପରିବାର ହୋଇଥିବାରୁ ଆଗାମୀ ଦିନରେ ଏହି ଖର୍ଚ୍ଚ ତୁଲାଇବାକୁ ସେ ଚିନ୍ତିତ ଅଛନ୍ତି। କୌଣସି ବଦାନ୍ୟ ଉତ୍ସରୁ ତାଙ୍କ ଅର୍ଥ ଯୋଗାଡ଼ ହୋଇପାରିଲେ ସେ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି। ସେ ତାଙ୍କ ମୋବାଇଲ ନଂ ୭୮୧୫୦ ୬୦୬୦୯ ରେ ଯୋଗାଯୋଗ କରିବାକୁ ନିବେଦନ କରିଛନ୍ତି।

## ଖୋଲାମେଲାରେ ଚକ୍ଷୁ ପରୀକ୍ଷା, ଗଛ ତଳେ ରୋଗୀ ନାକେଦମ୍

**ଗୁଡ଼ାରୀ, ୨୩।୪(ସମିସ):** ପ୍ରାୟ ଏକ ବର୍ଷ ହେବ ବ୍ରହ୍ମପୁର ନିକଟ ସମରଝୁଲା ଶଙ୍କର ଚକ୍ଷୁ ଚିକିତ୍ସାଳୟ ଗୁଡ଼ାରୀ ସହରରେ ଗରିବ ଲୋକଙ୍କ ଚକ୍ଷୁ ଚିକିତ୍ସା କରୁଥିବା ବେଳେ ଗତ ରବିବାର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏହି ଚକ୍ଷୁ ଶିବିର ଆୟୋଜନ କରାଯାଇଥିଲା। ଆୟୋଜକ ସେଠାରେ ଉପସ୍ଥିତ ନ ରହିବା ଦ୍ୱାରା ଯେଉଁ ଚକ୍ଷୁ ଚିକିତ୍ସା କରିବା ନାଁରେ ବୃଦ୍ଧବୃଦ୍ଧାଙ୍କୁ ଅଣାଯାଇଥିଲା ସେମାନଙ୍କ ପାଇଁ ସେଠାରେ ପାଣିର ବ୍ୟବସ୍ଥା କରାଯାଇଛି ନା ବସିବା ପାଇଁ ପାଲର ବ୍ୟବସ୍ଥା, କିଛି ନାହିଁ। ଖୋଲା ନଡ଼ିଆ ଗଛ ତଳେ ଏହି ବୃଦ୍ଧବୃଦ୍ଧା ଲୋକ ଚିକିତ୍ସା କରିବା କେତେ ଦୁର ଯଥାର୍ଥ ବୋଲି ପ୍ରଶ୍ନ ହୋଇଛି। ଏବେ କିଛି ଦିନ ହେଲା ଅସହ୍ୟ ଗରମ ଯୋଗୁ ରାଜ୍ୟ ସରକାର ଘରୁ ବାହାରିବାକୁ ମନା କରୁଥିବା ବେଳେ ଏଠାରେ ଚକ୍ଷୁ ଚିକିତ୍ସା ଖୋଲା ମେଲାରେ କରାଯାଉଛି। ଚକ୍ଷୁ ପାଇଁ କିଛି ବି ସରଜାମ ନାହିଁ ଦିଦି ହାତରେ ଦେଖାଇ କାର୍ଯ୍ୟ ତୁଲାଉଥିବା ଦେଖିବାକୁ ମିଳିଛି। ଚିକିତ୍ସା ପୂର୍ବରୁ ଆସୁଥିବା ଚିକିତ୍ସଙ୍କ ସମସ୍ତ ପ୍ରକାରର ବ୍ୟବସ୍ଥା ଉପରେ ଧ୍ୟାନ ଦେବା ଆବଶ୍ୟକ। ଯେଉଁ ରୋଗୀ ପାଖରେ ବିଏସକେୱାଇ କାର୍ଡ ଥାଏ ସେମାନଙ୍କର ଚକ୍ଷୁ ଚିକିତ୍ସା ହୁଏ ଏହି କାର୍ଡକୁ ଆଖି ଆଗରେ ରଖି ସଂସ୍ଥାକୁ ଭଲ ଦୁଇ ପଇସା ଆଦାୟ ହୋଇପାରୁଥିବାରୁ ପାରିପାର୍ଶିକ ବ୍ୟବସ୍ଥା ଉପରେ କୌଣସି ଧ୍ୟାନ ନଦେବା ସାଧାରଣରେ କଥାବର୍ତ୍ତା ହେବାରୁ ଜଣାପଡ଼ିଛି।



## ଯୁବକଙ୍କ ଭାସମାନ ମୃତଦେହ ଉଦ୍ଧାର

**ଏମ୍‌ଭି ୭୯, (ସମିସ)୨୩।୪:** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମ୍‌ଭି-୭୯ ଥାନା ଅନ୍ତର୍ଗତ ଟିଗଲ ପଞ୍ଚାୟତ ପୋଖରୀରୁ ଶବ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଲେ ସୁରେଶ ମାଡକାମୀ। ସୂଚନା ଅନୁଯାୟୀ, ଗତକାଲି ସୁରେଶ ଘରୁ କୁଆଡେ ବାହାରି ଆଉ ଫେରି ନଥିଲେ। ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ପତ୍ତା ମିଳି ନଥିଲା। ମଙ୍ଗଳବାର ସକାଳେ ଘରଠାରୁ କିଛି ଦୂରରେ ଥିବା ଏକ ପୋଖରୀରେ ତାଙ୍କ ଶବ ଭାସୁଥିବା ଗ୍ରାମବାସୀ ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ଗୁପ୍ତେଶ୍ୱର ଦାସଙ୍କ ନେତୃତ୍ୱରେ ହାବିଲଦାର ସନ୍ତୋଷ ପରିଡ଼ା, ପଦ୍ମ ନାୟକ, ରାଜେନ୍ଦ୍ର ପ୍ରସାଦ ସାହୁ, କମଳ ଲୋଚନ ମାଝୀ ପ୍ରମୁଖ ସେଠାରେ ପହଞ୍ଚି ଶବ ଉଦ୍ଧାର କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର ସହ ବ୍ୟବଚ୍ଛେଦ ପାଇଁ କାଲିମେଳା ମେଡିକାଲକୁ ପଠାଇ ତଦନ୍ତ ଆରମ୍ଭ କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏସଆଇ ବୁଲୁ ପଟ୍ଟନାୟକ କହିଛନ୍ତି।

## ପେଟ୍ରୋଲ ଚୋରି ଅଭିଯୋଗରେ ଜଣେ ଗିରଫ




**ସୁନାବେଡ଼ା, ୨୩।୪(ସମିସ):** ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ୨୫ ଲିଟର ପେଟ୍ରୋଲ ଚୋରି କରିବା ଅଭିଯୋଗରେ ଜଣକୁ ଗିରଫ କରିଛି ସୁନାବେଡ଼ା ପୁଲିସ। ଅଭିଯୁକ୍ତ ଜଣକ କୋଟପାଡ଼ ଥାନା ଅନ୍ତର୍ଗତ ବନ୍ଧଗୁଡା ଗ୍ରାମର ପ୍ରସାଦ ଦୋରା(୩୦) ବୋଲି ଜଣାପଡ଼ିଛି। ସୁନାବେଡ଼ା ପୌର ପରିଷଦ ସମ୍ମୁଖରେ ଥିବା ୨୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଛୋଟିଆ କ୍ୟାବିନ କରି ବସି ପେଟ୍ରୋଲ ବିକୁଥିବା ଗଞ୍ଜାମ କଲୋନୀନିବାସୀ ଭୀମ ହରିଜନ ରବିବାର ରାତ୍ରିରେ ତାଙ୍କ କ୍ୟାବିନ୍‌ରୁ ପେଟ୍ରୋଲ ଚୋରି ହୋଇଥିବା ନେଇ ସୁନାବେଡ଼ା ଥାନାରେ ସୋମବାର ଲିଖିତ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜର ସାହାଯ୍ୟରେ ପୁଲିସ ଅଭିଯୁକ୍ତ ପ୍ରସାଦ ଦୋରାକୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏଏସ୍‌ଆଇ ରାମ ଚନ୍ଦ୍ର ପଟ୍ଟନାୟକ ଏହି ମାମଲାର ତଦନ୍ତ କରିଥିଲେ। ଅଭିଯୁକ୍ତଠାରୁ ୨୫ ଲିଟର ପେଟ୍ରୋଲ ଜବତ କରାଯାଇଥିବା ବେଳେ ତାକୁ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ସୁନାବେଡ଼ା ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

### ବିଜେଡି ବିଜୟର ରଣନୀତି

# ନୂତନ କର୍ମୀଙ୍କୁ ସ୍ୱାଗତକଲେ ରାଜ୍ୟ ସମ୍ପାଦକ



**ମାଥିଲି, ୨୩।୪ (ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ମାଥିଲି ବ୍ଲକ ଥାନା ପଛ ପଟ ଆମ୍ବ ତୋଟା ଠାରେ ମାଥିଲି ବିଜେଡି ବ୍ଲକ ସଭାପତି ବିଦ୍ୟାଧର ପୂଜାରୀଙ୍କ ନେତୃତ୍ୱରେ ଆଜି ବିଜେଡିର ମିଶ୍ରଣ ପର୍ବ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି ଭାଇ) ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ବହୁ ସରପଞ୍ଚ, ସମିତିସଭ୍ୟ ସଭ୍ୟା ସହ ହଜାର ହଜାର କଂଗ୍ରେସ ଓ ବିଜେପିର କର୍ମୀ ନବୀନ ପଟ୍ଟନାୟକଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ବିଜେଡିର ବିଧାୟିକା ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିଜ୍ଞା କରିଥିଲେ। ପରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କର୍ମୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ବିଜେଡି ଜିଲ୍ଲା ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ମହିଳା ଉପସଭାନେତ୍ରୀ ସୁନିତା ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଖଇରପୁଟ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ମାଥିଲି ଜୋନ ୩ ଏବଂ ୨ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାଝୀ ଓ ହୀରଣ୍ୟ ମୁଦୁଲି, ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ରାଧା ବିନୋଦ ସାମନ୍ତରାୟ, ବିଜେଡି ଜିଲ୍ଲା ଉପସଭାପତି ଉଦୟନାଥ ମାଦ୍ରୀ, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ମାଥିଲି ବ୍ଲକ ପୂର୍ବତନ ବିଜେଡି ସଭାପତି ସଦା ପୂଜାରୀ, ବରିଷ୍ଠନେତା ନୃସିଂହ ଚରଣ ମହାନ୍ତି, ଖଇରପୁଟ ବ୍ଲକ ସଭାପତି ସାଧୁ ହନ୍ତାଳ, ବାଲିମେଳା ନଗର ସଭାପତି ମଙ୍ଗଳା ପାଙ୍ଗିଙ୍କ ସମେତ ନିର୍ବାଚନମଣ୍ଡଳୀର ହଜାର କର୍ମୀ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ଉ; ବିପୁଳ ଦେଶୀମଦ ଜବତ

**ନବରଙ୍ଗପୁର, ୨୩।୪ (ସମିସ):** ଚଳିତ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଓ ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ଓ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥା ନିରୀକ୍ଷକ ବୃନ୍ଦାବନ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ଅବକାରୀ ଥାନାଧିକାରୀ ସୁଜିତ ନାଗଙ୍କ ନେତୃତ୍ୱରେ ନବରଙ୍ଗପୁର ଥାନା ଅନ୍ତର୍ଗତ ଢେ଼ପଗୁଡ଼ା ଗ୍ରାମର ଜିତୁ ବେନିଆ ନିକଟରୁ ୨୫ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରା ଯାଇଥିବା ବେଳେ ବାଘଶିଉନି ଲଖଣ ଭତରା ନିକଟରୁ ୨୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ସେହିପରି ମାଝିଗୁଡାର ଜଗନ୍ନାଥ ପ୍ରଧାନୀ ନିକଟରୁ ୧୨ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି ଓ ବଘ ସୁଇନି ଗ୍ରାମ ନିକଟ ଖୋଲା ଜାଗାରେ ୧୯୨୦ ଲିଟର ପୋଚ ଏବଂ ୭୮୦ ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରି ଘଟଣା ସ୍ଥଳରେ ନଷ୍ଟ କରି ଦିଆଯାଇଛି। ଅବକାରୀ ସହ ଉପ ନିରୀକ୍ଷକ ତ୍ରିନାଥ ସଉରା, ଉମେଶ ହରିଜନ, ସୁଧାଂଶୁ ସ୍ୱେଖେର ବାଗ, ସଦାନନ୍ଦ ଭତରା, ରଞ୍ଜୀତ ସିଂହ, ଦେବେନ୍ଦ୍ର ସମରଥ, ଛତର ଗଣ୍ଡ, ଅଂଶୁମାନ ପରିଡ଼ା ଏବଂ ମହିଳା ସିପାହୀ ରଞ୍ଜୀ ଯାନୀ ଓ ରୀନା ବଡ ନାୟକ ପ୍ରମୁଖ ସାମିଲ ଥିଲେ।




## ମା’ ଗଙ୍ଗାଦେବୀ ଠାକୁରାଣୀଙ୍କ ଘଟଯାତ୍ରା ଉଦ୍‌ଯାପିତ

**ଟିକିରି, ୨୩।୪(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରିଠାରେ ବଡ଼ ଧୁମଧାମରେ ମା’ ଗଙ୍ଗାଦେବୀ ଠାକୁରାଣୀଙ୍କ ଘଟଯାତ୍ରା ଉଦଜାପନ ହୋଇଯାଇଛି। ଏହି ଯାତ୍ରା ୯ ଦିନ ଧରି ଚାଲିଥିଲା। ପୂର୍ବପୁରୁଷଠାରୁ ଏହି ଯାତ୍ରା ହେଇଆସୁଛି। ମୁଖ୍ୟପୂଜକ ଉମାଶଙ୍କର ଦଣ୍ଡସେନା ଚଳିତମାସ ୧୫ ତାରିଖରେ ଟିକିରିସ୍ଥିତ ଜାମଗୁଡା ଆମ୍ବ ତୋଟାଠାରୁ ମା’ ଗଙ୍ଗାଦେବୀଙ୍କୁ ମନ୍ଦିରକୁ ଆବାହନ କରିବା ପରେ ପୂର୍ଜାଚନା ଆରମ୍ଭ ହୋଇଥିଲା। ୨ଦିନ ଧରି ଯାତ୍ରା ପଡ଼ିଆଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଥେସିଆ ନାଟ ପରିବେଷଣ ହୋଇଥିଲା। ପାହାନ୍ତିଆ ସମୟରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପ୍ରଥା ଅନୁଯାୟୀ ବାଘ ନାଚ, ଘୋଡାନାଚ, ରାଜାରାଣୀ ନାଚ, କାଳିକା, ଦୁର୍ଗା ନାଚ ଆଦି ସହ ଆତାସବାଜି କରାଯାଇଥିଲା। ପୂଜା କମିଟି ତରଫରୁ ସୁଚାରୁରୂପେ ଓ ଶାନ୍ତିପୂର୍ଣ ଭାବେ ଯାତ୍ରାକୁ ପରିଚାଳନା କରିଥିବାରୁ ଗ୍ରାମବାସୀ ଧନ୍ୟବାଦ ଦେଇଛନ୍ତି।

## ଶାଶୂ ଘରେ ମା’ଜଗତ୍‌ଜନନୀ ଠାକୁରାଣୀ

**ଉମରକୋଟ, ୨୩।୪(ସମିସ)**



ମା’ ଜଗତଜନନୀ ଠାକୁରାଣୀଙ୍କ ଘଣ୍ଟଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଥିବା ବେଳେ ମା’ ଜଗତଜନନୀ ଠାକୁରାଣୀ ଯାତ୍ରା ସାରି ମଙ୍ଗଳବାର ପୁଣି ଶାଶୂ ଘରକୁ ଫେରିଛନ୍ତି। ମା’ ଶାଶୂ ଘରୁ ମା’ ଘରକୁ ନଅ ଦିନ ପାଇଁ ବୁଲିବାକୁ ଆସିଥାନ୍ତି। ଗତ ସୋମବାର ଆସି ମଙ୍ଗଳବାର ବିଶ୍ରାମ ନେଇ ପୁଣି ବୁଧବାର ଦିନ ମା’ଙ୍କ ଘରେ ପୂଜା ପାଇ ସହରର ଘରେ ଘରେ ବୁଲିଥିଲେ। ଚୈତ୍ରପ୍ରତିପଦା ତିଥି ଅର୍ଥାତ୍ ମା’ଙ୍କ ଚୈତ୍ର ବାସନ୍ତୀ ନବରାତ୍ରି ଆରମ୍ଭର ପରବର୍ତ୍ତୀ ସମୟରେ ପଡୁଥିବା ପ୍ରଥମ ସୋମବାରଠାରୁ ମା’ ଙ୍କ ଏହି ଘଣ୍ଟଯାତ୍ରା ବା କଳସ ଯାତ୍ରା ପର୍ବ ଆରମ୍ଭ ହୋଇଥାଏ। ଉମରକୋଟଠାରେ ବହୁ ବହୁ ପୁରାତନ କାଳରୁ ପରମ୍ପରା ରହିଆସିଛି। ଏହି ଯାତ୍ରାରେ ନଅଦିନ ଧରି ୯ଗୋଟି ଘଣ୍ଟ ଓ ଗୋଟିଏ ଫୁଲ ଟାଙ୍ଗୁଡି ଏବଂ ବିମାନ ସାମିଲ ହୋଇ ସହର ପରିକ୍ରମା କରିଥାନ୍ତି। ମା’ ଜଗତଜନନୀ ଠାକୁରାଣୀ ସହର ପରିକ୍ରମା ଆରମ୍ଭରେ ପ୍ରଥମେ ଭିତରଗଡ଼ଠାରେ ଥିବା ମୂଖ୍ୟ ପୂଜକ ଭୁବନ ପୂଜାରୀଙ୍କ ଘରକୁ ଯାଇ ପ୍ରଥମ ଭୋଗ ଖାଇବା ପରେ ମା’ ଜଗତଜନନୀ ଠାକୁରାଣୀଙ୍କ ସହର ପରିକ୍ରମା ଆରମ୍ଭ ହୋଇଥିଲା। ମଙ୍ଗଳବାର ମା’ ଜଗତଜନନୀ ଠାକୁରାଣୀ ତାଙ୍କ ଶାଶୁ ଘରକୁ ଫେରିଛନ୍ତି। ଏହି ସମୟରେ ସମସ୍ତ ଘଣ୍ଟହାଣ୍ଡିକୁ କଣ୍ଟା ଦୋଳିରେ ପୂଜକ ଝୁଲାଇବା ପରେ ମା’ ପୂଜକଙ୍କ ଘରକୁ ଯାଇ ପୂଜାର୍ଚ୍ଚନା ପାଇଥାନ୍ତି। ପରେ ପୂଜକ ମା’ଙ୍କୁ ମନାଇ ମା’ ଜଗତଜନନୀ ଠାକୁରାଣୀଙ୍କୁ ବାଜା ବାଜଣା କରି ଝରିଗାଁ ରୋଡ୍‌ସ୍ଥିତ ମଙ୍ଗଳା ମନ୍ଦିର ଶାଶୁ ଘରକୁ ଯାଇଥାନ୍ତି। ଏହି ସମୟରେ ପୂଜକ ଭୁବନେଶ୍ୱର ପୁଜାରୀ ଶିରାଙ୍କ ସହ ପୂଜା କମିଟିର ସଭାପତି ସାଇନାରାୟଣ ପାଢ଼ୀ, କୋଷାଧ୍ୟକ୍ଷ ଗୋବିନ୍ଦ ମାଝୀ, ସମ୍ପାଦକ ସତ୍ୟନାରାୟଣ ମିଶ୍ର, ଉପସଭାପତି ଆଶିଷ ରାଓଙ୍କ ସହ ପୂର୍ବତନ ନଗରପାଳ ପି. ରାବଣା ରାଓ, ରଜତ ସାନ୍ତ୍ରା, ଅଶୋକ ବେବର୍ତ୍ତା ଓ ପୂଜା କମିଟିର ସମସ୍ତ ସଦସ୍ୟ ବାରପାଲି ଗାଁର ରଇତ, ଶିରା, ପୂଜାରୀଙ୍କ ସହ ପୁରୁଣା କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ନିର୍ବାଚନ ପ୍ରଚାର କରିବେ ପାଣ୍ଡିଆନ; ବିଜେଡିର ପ୍ରସ୍ତୁତି



**ବିଷମ କଟକ ୨୩।୪(ସମିସ):** ଚଳିତ ସାଧାରଣ ନିର୍ବାଚନର ନାମାଙ୍କନ ପ୍ରକ୍ରିୟା ଆଉ ଦୁଇଦିନ ବାକି ରହିଥିବା ବେଳେ ବିଷମ କଟକ ନିର୍ବାଚନମଣ୍ଡଳୀରେ ଷ୍ଟାର ପ୍ରଚାରକଙ୍କ ଆଗମନ ବିଜେଡି ଦଳୀୟ କର୍ମୀ ମନରେ ଉତ୍ସାହ ଭରିଦେଇଛି। ଆଜି ବିଜେଡି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଆସନ୍ତା ୨୫ ତାରିଖ ଦଳର କାର୍ତ୍ତିକ ପାଣ୍ଡିଆନ ସାଧାରଣ ସଭାରେ କର୍ମୀଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ମିନି ଷ୍ଟାଡିୟମ୍‌ରେ ନିର୍ବାଚନ ପ୍ରଚାର ର ସାଧାରଣ ସଭା ନିମନ୍ତେ ପ୍ରସ୍ତୁତି ଜୋରସୋରରେ ଚାଲୁ ରହିଥିବା ବେଳେ ମନ୍ତ୍ରୀ ଜଗନ୍ନାଥ ସାରକା ଏହାର ତଦାରଖ କରୁଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟେଣ୍ଟ ବ୍ୟବସ୍ଥା କରାଯାଉଥିବା ବେଳେ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତରେ ଦଳୀୟ କର୍ମୀମାନେ ଲାଗିପଡ଼ିଛନ୍ତି। ୧୦ ହଜାରରୁ ଅଧିକା ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଥିବାରୁ ସୁରକ୍ଷିତ ଆଗମନ ଏବଂ ପ୍ରସ୍ଥାନ ଉପରେ ଗୁରୁତ୍ୱ ଦିଆଯିବ। କାର୍ତ୍ତିକ ପାଣ୍ଡିଆନ୍ ୧୨.୩୦ରେ ହେଲିକେପ୍ଟରରେ ପହଞ୍ଚି ଦଳୀୟ କର୍ମକର୍ତ୍ତାଙ୍କ ସହ ବୈଠକ ସହ ଅପରାହ୍ନ ୩.୩୦ରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟ ସୂଚୀ ପ୍ରସ୍ତୁତ ହୋଇଛି। ସଭାରେ ଚାରୋଟି ବ୍ଲକର ଦଳୀୟ କର୍ମୀ ଏବଂ ସମର୍ଥକ ଉପସ୍ଥିତ ରହିବେ।

## ନବୀନାଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଛନ୍ତି ସ୍ୱାମୀ ସୁବାସ



**ଉମରକୋଟ, ୨୩।୪(ସମିସ):** ସ୍ତ୍ରୀ ପାଇଁ ପ୍ରଚାରର ମଙ୍ଗ ଧରିଛନ୍ତି ସ୍ୱାମୀ ତଥା ପୂର୍ବତନ ବିଧାୟକ ସୁବାସ ଗଣ୍ଡ। ଚଳିତ ନିର୍ବାଚନରେ ଉମରକୋଟ ବିଧାନସଭା ଆସନ ପାଇଁ ବିଜେଡି ନବିନା ନାୟକଙ୍କୁ ପ୍ରାର୍ଥୀ କରିଛି। ନବିନା ବିଧାୟିକା ପ୍ରାର୍ଥୀ ଭାବେ ନୂଆ ଚେହେରା ହୋଇଥିବା ବେଳେ ପୂର୍ବରୁ ସେ ଦୁଇ ଦୁଇ ଥର ରାଇଘର ବ୍ଲକର ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ସ୍ୱାମୀ ତଥା ଉମରକୋଟ ନିର୍ବାଚନମଣ୍ଡଳୀର ଦୁଇ ଥର ନିର୍ବାଚିତ ହୋଇଥିବା ବିଧାୟକ ସୁବାସ ଗଣ୍ଡ ଦଳର ସାଂଗଠନିକ କାମ ସହ ରାଇଘର ପଞ୍ଚାୟତ ସମିତିକୁ ସମ୍ଭାଳି ଆସିଛନ୍ତି। ଗତ ୨୦୧୧ରୁ ୨୦୧୪ ଏବଂ ୨୦୧୪ରୁ ୨୦୧୯ରେ ବିଧାୟକ ଥିଲେ ସୁବାସ। ତେବେ ୨୦୧୯ରେ ଉମରକୋଟ ଆସନଟି ବିଜେପି ହାତକୁ ଚାଲିଗଲା। ଚଳିତ ନିର୍ବାଚନରେ ବିଜେଡି ସୁବାସଙ୍କ ପତ୍ନୀ ନବିନାଙ୍କୁ ଭରସା କରି ପ୍ରାର୍ଥୀ କରିଛି। ଏବେ ତାଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଛନ୍ତି ତାଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ସୁବାସ ଗଣ୍ଡ। ମୁଖ୍ୟମନ୍ତ୍ରୀ ଏଥର ଉମରକୋଟ ନିର୍ବାଚନମଣ୍ଡଳୀ ପାଇଁ ଜଣେ ମହିଳା ପ୍ରାର୍ଥିନୀଙ୍କୁ ଟିକେଟ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣେଇଛନ୍ତି ବିଧାୟକ। ସୁବାସ ତାଙ୍କ ସ୍ତ୍ରୀଙ୍କ ପାଇଁ ପ୍ରଚାର କରି ବେଶ୍ ଖୁସି ଥିବା କହିଛନ୍ତି। ଏପଟେ ସ୍ତ୍ରୀ ନବିନା ମଧ୍ୟ ତାଙ୍କ ସ୍ୱାମୀ ସବୁ କ୍ଷେତ୍ରରେ ତାଙ୍କୁ ସହଯୋଗ କରୁଛନ୍ତି ଓ ଉଭୟେ ମିଶି ପ୍ରଚାର କରୁଥିବା କହିଛନ୍ତି। ଉଭୟଙ୍କ ସହଯୋଗରେ ଦଳୀୟ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି। ପୁଣିଥରେ ବିଜେଡି ଉମରକୋଟ ନିର୍ବାଚନ ମଣ୍ଡଳୀରେ ବିଜୟ ଲାଭ କରିବ ବୋଲି ଆଶା ରଖିଛନ୍ତି ନବିନା ଓ ସୁବାସ।

# ଶେଷହେଲା ମାଁ ମଝିଘରିଆଣୀଙ୍କ ଚୈତ୍ରପର୍ବ ଓ ଝାମୁଯାତ୍ରା



**ରାୟଗଡ଼ା, ୨୩।୪(ସମିସ):** ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ଚୈତ୍ରପର୍ବ ଓ ଝାମୁଯାତ୍ରା ମଙ୍ଗଳବାରରେ ଶେଷ ହୋଇଯାଇଛି। ଏହି ପର୍ବ ପାଳନ ସମୟରେ ମାଁଙ୍କ ସୁନାବେଶ ଦର୍ଶନ ପାଇଁ ମନ୍ଦିରରେ ପ୍ରବଳ ଭିଡ଼ ଜମିଥିଲା। ଗତ ୧୯ତାରିଖଠାରୁ ଆରମ୍ଭ ହୋଇଥିବା ମାଁଙ୍କ ଏହି ଚୈତ୍ର ପର୍ବର ଆଜି ଶେଷ ଦିନରେ ସକାଳ ୧୦ଟା ସମୟରେ ସୂର୍ଯ୍ୟ ପୂଜା ପରେ ଶାଳା ପୂଜା, ମୁଖ୍ୟ ଦେବୀଙ୍କ ଷୋଡଶ ଉପଚାର ପୂଜା, ମହାସ୍ନାନ ମହାପୂଜା, ଆରତି, ପୁଷ୍ପାଞ୍ଜଳି ପୂଜାବିଧି ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନ ସାଢେ ତିନିଟା ସମୟରେ କୁଣ୍ଡି ଅଗ୍ନିପୂଜା, ୪ଟା ୪୮ମି. ରେ ଚଣ୍ଡି ହୋମ ଏବଂ ରାତ୍ର ୯ଘ.୪୮ମି. ସମୟରେ ପୂର୍ଣ୍ଣାହୁତି ପାଇଁ ପୂଜାବିଧି ଶେଷ ହୋଇଥିଲା। ମନ୍ଦିର ପ୍ରାଙ୍ଗଣରେ ମାଁଙ୍କ ଝାମୁଯାତ୍ରା ପାଇଁ ଅଗ୍ନି ସଂଯୋଗ ପରେ ରାତ୍ର ୯ଟାରୁ ସାଢେ ୧୧ଟା ମଧ୍ୟରେ ପୂଜକଙ୍କ କଣ୍ଟା ଦୋଳି ଝୁଲଣ ଏବଂ ଅଗ୍ନିରେ ଚାଲିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଘୁମୁରା ବାଦ୍ୟନୃତ୍ୟର ଆୟୋଜନ ହୋଇଥିଲା। ଏହି ୫ଦିନର ଶୁଭ ଅବକାଶରେ ହଜାର ହଜାର ସଂଖ୍ୟାରେ ଭକ୍ତ ଏବଂ ଜନସାଧାରଣ ଯୋଗ ଦେଇ ଧର୍ମାର୍ଜନ ପାଇବା ସହ ମାଁଙ୍କର ଚୈତ୍ରପର୍ବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ବୋଲି ମାଁ ମଝିଘରିଆଣୀ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ରାଇସିଂ ବିଡିକା ପ୍ରକାଶ କରିଛନ୍ତି। ୫ଦିନ ଧରି ଚାଲିଥିବା ଏହି ଚୈତ୍ର ପର୍ବରେ ମାଁ ମଝିଘରିଆଣୀ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ସୁନାବେଶରେ ଦର୍ଶନ ଦେଇଥିଲେ। ମନ୍ଦିରକୁ ସୁନ୍ଦର ଆଲୋକମାଳା ଏବଂ ଫୁଲମାଳରେ ସୁସଜ୍ଜିତ କରାଯାଇଥିଲା। ଭକ୍ତମାନେ ମାଁଙ୍କ ସୁବିଧାରେ ଦର୍ଶନ କରିବା ନିମନ୍ତେ ପରିଚାଳନା କମିଟି ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବର୍ତ୍ତେ ଉକ୍ତ ୫ଦିନ ମନ୍ଦିର ପ୍ରାଙ୍ଗଣରେ ଜନସାଧାରଣ ତଥା ମନ୍ଦିରକୁ ଆସୁଥିବା ଭକ୍ତଙ୍କ ନିମନ୍ତେ ପାନୀୟ ଜଳ ଓ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ ପକ୍ଷରୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦହି ଚଲା ପାଣି, ପଲିହାରୀ ଆଦି ବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ମଧ୍ୟ ଗଞ୍ଜାମ ଜିଲ୍ଲା ଜୋରଡା, କବିସୂର୍ଯ୍ୟନଗରର ପଣ୍ଡିତ ନୀଳମାଧବ ତ୍ରିପାଠୀ, ସନ୍ତୋଷ, ସୁମନ ପଣ୍ଡା, ଜଗଜିତ୍ ପାଢ଼ୀ, ପିତାମ୍ବର ହୋତା, ମନୋଜ ମିଶ୍ର, ପ୍ରତାପ ଏବଂ ଅନ୍ୟମାନେ ମାଁଙ୍କ ନୀତିକାନ୍ତି ପୂଜା, ହୋମ କରିଥିବା ବେଳେ ଏହି ହୋମଯଜ୍ଞରେ ଟ୍ରଷ୍ଟି ଅଧ୍ୟକ୍ଷ ରାଇସିଂ ବିଡିକା, ଇପିଲି ସନ୍ୟାସି ରାଜୁ, ଭି.ଶ୍ରୀନିବାସ ରାଓ, ପି.ବାସୁଙ୍କ ମନ୍ଦିରର ପୂଜକ ଚନ୍ଦ୍ରଶେଖର ବେରୁକ, କେଦାର ବେରୁକ, ଚକ୍ର ବେରୁକଙ୍କ ସମେତ ଅନ୍ୟ ପୂଜାରୀମାନେ ମନ୍ଦିରରେ ପାରମ୍ପରିକ ପୂଜା ନିୟମିତ ଭାବେ କରି ଆସୁଥିଲେ। ଆସନ୍ତା ଦିନରେ ଘଟକୁ ରାୟଗଡ଼ା ସହରର ବିଭିନ୍ନ ସାହିଗଳିରେ ପୂଜା କମିଟିମାନଙ୍କ ପକ୍ଷରୁ ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ବିଡିକା ପ୍ରକାଶ କରିଛନ୍ତି।

### ● ସୁନାବେଶ ଦର୍ଶନାର୍ଥୀଙ୍କ ପ୍ରବଳ ଭିଡ଼



## ଚୈତ୍ର ଶେଷ ମଙ୍ଗଳବାରରେ ଦେବୀପୀଠ ଚଳଚଞ୍ଚଳ



**କୋଷାଗୁମୁଡ଼ା, ୨୩।୪(ସମିସ):** ଚୈତ୍ର ଶେଷ ମଙ୍ଗଳବାର ଅବସରରେ କୋଷାଗୁମୁଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳା, ମା’ ଭଣ୍ଡାରଘରଣୀ ଓ ହିଂଳାଇ ଦେବୀଙ୍କ ମନ୍ଦିରରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ନବରଙ୍ଗପୁର ଜିଲ୍ଲାର ଉପାନ୍ତ ଅଧିବାସୀ ଅଧ୍ୟୁଷିତ କୋଷାଗୁମୁଡ଼ା ବ୍ଲକ ସଦରସ୍ଥିତ ମା’ ମଙ୍ଗଳା ଓ ହିଙ୍ଗୁଳାଇ ମାତାଙ୍କ ମନ୍ଦିରରେ ପାରମ୍ପରିକ ରୀତିନୀତିରେ ନବରାତ୍ର ଓ ପୂଜାବିଧି ସମ୍ପନ୍ନ ହାଇଯାଇଛି। ଭୋର ସକାଳରୁ ଦେବୀ ମା’ଙ୍କ ସ୍ନାନ, ବନ୍ଦାପନା, ମଙ୍ଗଳ ଆଳତୀ, ବାଲ ଭୋଗ ଲାଗି ହୋଇଥିଲା। ଏହି ଅବସରରେ ମନ୍ଦିର କମିଟି ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ଜଳ, ରାତ୍ର ପାଇଁ ଆଲୋକ ଓ ଭିଡ଼ ପାଇଁ ବାଉଁଶ ବ୍ୟାରିକେଟ ଦ୍ୱାରା ଧାଡିରେ ଭକ୍ତଙ୍କ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଥିଲା। ଏହି ଅଞ୍ଚଳର ୨୬ଟି ପଞ୍ଚାୟତର ଭକ୍ତଙ୍କ ସମେତ ପଡୋଶୀ କୋରାପୁଟ ଜିଲ୍ଲାର କୋଟପାଡ଼ ଓ ପଡୋଶୀ ଛତିଶଗଡ଼ ରାଜ୍ୟର ସୀମାନ୍ତ ଅଞ୍ଚଳର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

● ବିଜେଡିର ସାଂଗଠନିକ ବୈଠକ

# ଗୁରୁମନ୍ତ୍ର ଦେଲେ ରାଜ୍ୟ ସମ୍ପାଦକ ପ୍ରଣବ

**ଜୟପୁର, ୨୩।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ଏକ ଘରୋଇ ହୋଟେଲଠାରେ ବିଜେଡି ଦଳର ଏକ ଜରୁରୀ ବୈଠକ ମଙ୍ଗଳବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇଥିଲେ। ଜୟପୁରଠାରେ ମଧ୍ୟାହ୍ନ ୧୨ଟାଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବୈଠକରେ ନବରଙ୍ଗପୁର ଲୋକସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ପ୍ରଦୀପ ମାଝି, ନବରଙ୍ଗପୁର ବିଧାନସଭା ପ୍ରାର୍ଥିନୀ କୌଶଲ୍ୟା ପ୍ରଧାନୀ, ଉମରକୋଟ ବିଧାନସଭା ପ୍ରାର୍ଥିନୀ ନବିନା ନାୟକ, ଜିଲ୍ଲା ସଭାପତି ରମେଶ ମାଝୀ, ନବରଙ୍ଗପୁର ବିଜେଡି ଦଳ ପର୍ଯ୍ୟବେକ୍ଷକ ଇଶ୍ୱରଚନ୍ଦ୍ର ପାଣିଗ୍ରାହୀ ଏବଂ ଜିଲ୍ଲାର ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ଆସନ୍ତା ସାଧାରଣ ନିର୍ବାଚନରେ ଜିଲ୍ଲାର ଲୋକସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀ କିପରି ବିଜୟୀ ହେବେ ସେ ନେଇ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଦଳୀୟ କର୍ମୀମାନଙ୍କୁ ସକ୍ରିୟ କରିବା ଏବଂ କର୍ମକର୍ତ୍ତାଙ୍କୁ ଉପଯୁକ୍ତ ଦାୟିତ୍ୱ ପ୍ରଦାନ କରିବାକୁ ସାଂଗଠନିକ ସମ୍ପାଦକ ପରାମର୍ଶ ପ୍ରଦାନ କରିଥିଲେ। ନବରଙ୍ଗପୁର ଜିଲ୍ଲାରେ ଉଭୟ ଲୋକସଭା ଏବଂ ସମସ୍ତ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଓ ପ୍ରାର୍ଥିନୀ ବିଜୟ ସୁନିଶ୍ଚିତ ବୋଲି ସାଂଗଠନିକ ସମ୍ପାଦକ ଶ୍ରୀ ଦାସ ପ୍ରକାଶ କରିଛନ୍ତି।

● ଅବକାରୀ ବିଭାଗର ଚଢ଼ଉ

# ୨୨ କେଜି ଗଞ୍ଜେଇ ଜବତ, ଜଣେ ଅଭିଯୁକ୍ତ ଗିରଫ



**ଜୟପୁର, ୨୩।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଅବକାରୀ ରେଞ୍ଜ ଥାନା ପକ୍ଷରୁ ଚଢ଼ଉ କରାଯାଇ ୨୨ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ବୈପାରୀଗୁଡ଼ା ଥାନା ଜବା ଗ୍ରାମର ରବୀନ୍ଦ୍ର ପାତ୍ର (୨୪)। ଅବକାରୀ ଇନ୍ସପେକ୍ଟର ଶଶିକାନ୍ତ ଦତ୍ତଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ଅଭିଯୁକ୍ତ ବାଇକ (ଓଡି ୧୦ ଏ-୦୮୦୧) ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଅବକାରୀ ଉପଖଣ୍ଡ ଥାନା ପକ୍ଷରୁ ଚଢ଼ଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ଏକ ପଲିଥିନରେ ବସ୍ତା ୨୨ କିଲୋଗ୍ରାମ ଗଞ୍ଜେଇ ଏବଂ ବାଇକ ଜବତ କରାଯାଇଛି। ଏନେଇ ଏନ୍‌ଡିପିଏସ୍ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉର ନେତୃତ୍ୱ ଅବକାରୀ ଇନ୍ସପେକ୍ଟର ଶ୍ରୀ ଦତ୍ତ ନେଇଥିବା ବେଳେ ଏଏସ୍ଆଇ ପ୍ରଦୀପ ଦଳେଇ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଚଢ଼ଉରେ ସାମିଲ ହୋଇଥିଲେ।

# ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜନ୍ମୋତ୍ସବ



**ରାୟଗଡ଼ା, ୨୩।୪(ସମିସ):** ରାୟଗଡ଼ା ବଜରଙ୍ଗ ଦଳ ପକ୍ଷରୁ ମଙ୍ଗଳବାର ହନୁମାନ ଜନ୍ମଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରାୟଗଡ଼ା ମୁଖ୍ୟ ବଜାରରେ ଦହିଚଲ୍ଲା, ସର୍ବତ ପାଣି ବଣ୍ଟନ କରାଯାଇଥିଲା। ବଜରଙ୍ଗ ଦଳ ନଗର ସଂଯୋଜକ ଅଜୟ ଆଶ୍ରଣୀ, ବଳ ଉପାସନ ପ୍ରମୁଖ ବିଜୟ ଚୁଲେଟ, ବିଶ୍ୱହିନ୍ଦୁ ପରିଷଦ ସହ ସମ୍ପାଦକ ଅଶୋକ ମହାରଣା, ଦୁର୍ଗା ବାହିନୀର ଆଶା ଭାନସିକା, କୁମାରୀ ବାଦତ୍ୟାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ୭ ଚୋରି ବାଇକ୍ ସହ ଇଞ୍ଜିନ ଓ ଚେସିସ୍ ଜବତ, ୩ ଗିରଫ

**ବ୍ରହ୍ମପୁର, ୨୩।୪(ସମିସ):** ବୈଦ୍ୟନାଥନପୁର ଥାନା ପୁଲିସ ଏକ ବାଇକ ଚୋର ଗ୍ୟାଙ୍ଗକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ମେଣ୍ଟୁଛକ ବାଉରି ସାହିର ଜଗନ୍ନାଥ ନାୟକ ଓରଫ ଜଗା(୧୯), ପୁରୁଣା ବ୍ରହ୍ମପୁର କୁଠାରୀବନ୍ଧ ନିକଟର ଆଶିଷ ନାୟକ ଓରଫ ସୁନୀଲ(୨୦) ଏବଂ ଚନ୍ଦନ ପଟ୍ଟନାୟକ(୨୧)। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୭ଟି ବାଇକ ସମେତ ୨ଟି ବାଇକ ଇଞ୍ଜିନ ଓ ୨ଟି ଚେସସ ଜବତ କରିଛି ପୁଲିସ। ଏହି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଜଗା ବୋଲି ପୁଲିସ କହିଛି। ସୂଚନାଯୋଗ୍ୟ ଯେ, ବୈଦ୍ୟନାଥପୁର ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ବାଇକ ଚୋରି ହେଉଛି। ବିଶେଷକରି ବଡ ମେଡିକାଲ, ଆଙ୍କୁଲି, ଲାଞ୍ଜିପଲ୍ଲୀ, ଗୋଇଲୁଣ୍ଡି ଭଳି ଅଞ୍ଚଳରୁ ବାଇକ ଚୋରି ହେଉଛି। ଆଜକୁ ୪ମାସ ପୁର୍ବେ ଅର୍ଥାତ ୨୦୨୩ ଡିସେମ୍ବର ୨୭ତାରିଖ ରାତି ୧୦ଟା ୩୦ ବେଳେ ଗଜପତି ଜିଲା ଆର ଉଦୟଗିରି ବାସିନ୍ଦା ତଥା ବ୍ରହ୍ମପୁର ଭବାନୀନଗର ୪ର୍ଥ ଲାଇନରେ ରହୁଥିବା ଚନ୍ଦନ କୁମାର ନାୟକ ଗୋଇଲୁଣ୍ଡି ସ୍ଥିତ ଏକ ଔଷଧ ଦୋକାନ ସମ୍ମୁଖରେ ନିଜ ବାଇକଟି ରଖିଥିଲେ। ହେଲେ ତା' ପରଦିନ ସକାଳୁ ଦେଖିବା ବେଳକୁ ସେଠାରେ ବାଇକଟି ନଥିଲା। ବହୁ ଖୋଜାଖୋଜି ପରେ ସେ ନିଜ ବାଇକ ନ ପାଇବାରୁ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିଲା। ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ବିଜୟ କୁମାର ସୁନାଶଗଡ଼ ଓ ତାଙ୍କ ଟିମ ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ପରେ ଅଭିଯୁକ୍ତ ଜଗାକୁ ପ୍ରଥମେ କାବୁ କରି ପଚରାଉଚରା ବେଳେ ଉପରୋକ୍ତ ୨ ଅଭିଯୁକ୍ତଙ୍କ ବିଷୟରେ ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ପୁଲିସ ୩ ଅଭିଯୁକ୍ତଙ୍କ ନିକଟରୁ ମୋଟ ୭ଟି ବାଇକ ସହ ୨ଟି ଇଞ୍ଜିନ ଓ ଚେସିସ ଜବତ କରିଥିଲା। ଏହି ଚୋର ଗ୍ୟାଙ୍ଗ ସହରର ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି କରିବା ପରେ ସେହି ବାଇକର ବିଭିନ୍ନ ଦାମୀ ସରଞ୍ଜାମ ବାହାର କରି କବାଡି ଦୋକାନୁ ବିକ୍ରି କରୁଥିଲେ ବୋଲି ଜଣାପଡ଼ିଛି।

ପରିବାରରେ ମାରପିଟ

# ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀ, ଝିଅ ଗୁରୁତର





**ରାୟଗଡ଼ା, ୨୩।୪(ସମିସ):** ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ନିକଟସ୍ଥ ଅରବିନ୍ଦ ନଗର ନିକଟ ଭାଟିପଡ଼ାରେ ମଦ ପିଇବାକୁ ପଇସା ନ ଦେବାରୁ ସ୍ୱାମୀର ଆକ୍ରମଣରେ ସ୍ତ୍ରୀ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ତାଙ୍କ ଝିଅ ମଧ୍ୟ ଆହତ ହୋଇଛନ୍ତି। ଉଭୟଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଇଥିଲା। ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି ଭାଟିପଡ଼ା ଗ୍ରାମରେ। ଉକ୍ତ ସ୍ୱାମୀ ଚିନାବାବୁ କାଡ୍ରାକା (୪୨)ର ଟାଙ୍ଗିଆ ଆକ୍ରମଣରେ ସ୍ତ୍ରୀ ଓ ଝିଅ ଗୁରୁତର ହୋଇଛନ୍ତି। ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇ ଚିକିତ୍ସିତ ହୋଇଥିବା ବେଳେ ଗୁରୁତର ସ୍ତ୍ରୀକୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ, ଗାଁଲୋକଙ୍କ ଆକ୍ରମଣରେ ସ୍ୱାମୀ ମଧ୍ୟ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି।

ସୂଚନା ପ୍ରକାରେ, ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଭାଟିପଡ଼ା ଅରବିନ୍ଦ ନଗରରେ ରହୁଥିବା ଚିନାବାବୁ (୪୨) ସବୁବେଳେ ମଦପିଇ ଘରେ ଗଣ୍ଡଗୋଳ କରି ଆସୁଥିଲା। ସୋମବାର ରାତି ୧୧ଟା ବେଳେ ଚିନାବାବୁ ମଦ ପିଇବାକୁ ସ୍ତ୍ରୀ କୁମାରୀ କାଡ୍ରାକା (୩୫) ପଇସା ମାଗିଥିଲା। ଏହାକୁ ବିରୋଧ କରିଥିଲେ କୁମାରୀ। ଏଥିରେ ଉତକ୍ଷିପ୍ତ ହୋଇ ଚିନାବାବୁ ଏକ ଟାଙ୍ଗିଆରେ ସ୍ତ୍ରୀର ମୁଣ୍ଡକୁ ଆକ୍ରମଣ କରିଥିଲା। ଏହା ଦେଖି ଝିଅ କବିତା (୧୦) ଛଡାଇବାକୁ ଯିବାରୁ ତାକୁ ମଧ୍ୟ ଆକ୍ରମଣ କରିଥିଲା। ମାଆ-ଝିଅଙ୍କ ପାଟି ଶୁଣି ସାହି ପଡୋଶୀ ଆସି ଦୁହିଁଙ୍କୁ ଉଦ୍ଧାର କରିଥିବା ବେଳେ ନିଶାସକ୍ତ ଅବସ୍ଥାରେ ଥିବା ଚିନାବାବୁକୁ ଗ୍ରାମବାସୀ କାବୁ କରି ମାଡ ମାରିଥିବା ଅଭିଯୋଗ ହୋଇଛି। ତାଙ୍କର ମଧ୍ୟ ଅବସ୍ଥା ଗୁରୁତର ରହିଛି। ଖବର ପାଇ ଚାନ୍ଦିଲି ପୁଲିସ ଘଟଣାସ୍ଥଳରୁ ତିନି ଜଣଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲା। ସେଠାରେ ସ୍ୱାମୀ-ସ୍ତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଚାନ୍ଦିଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

# ନିର୍ବାଚନ ପୂର୍ବରୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ସର୍ତ୍ତମୂଳକ ଜାମିନ

**ଜୟପୁର, ୨୩।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ଅଧୀନସ୍ଥ ୩ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ବିରୋଧରେ ୧୧୦ ସିଆରପିସି ମାଧ୍ୟମରେ ନୋଟିସ ଜାରୀ କରାଯାଇଥିଲା। ୩ ଦୁର୍ଦ୍ଦାନ୍ତ ଅପରାଧୀ ହେଲେ ଜୟପୁର ଖ୍ରୀଷ୍ଟିଆନ୍ ସାହିର ଅଭିଜିତ ମହୁରିଆ, ଗୋପବନ୍ଧୁ ନଗରର କାର୍ତ୍ତିକ ନାଗ, ରାଜସ୍ୱ କୋଲନୀର ଟୁଲୁ ଖୋସ୍ଲା। ଉପଖଣ୍ଡ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ତଥା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ନୋଟିସ ଜାରୀ କରିଥିଲେ। ଏନେଇ ଅଭିଯୁକ୍ତମାନେ କାର୍ଯ୍ୟକାରୀ ମାଜିଷ୍ଟ୍ରେଟଙ୍କ ନିକଟରେ ଉପସ୍ଥିତ ରହିବା ସହିତ ଜାମିନ ଆବେଦନ କରିଥିଲେ। ଏପରି ସର୍ତ୍ତମୂଳକ ଭାବେ ପ୍ରତ୍ୟେକ ଗୁରୁବାରରେ ଟାଉନଥାନାରେ ଉପସ୍ଥିତ ରହିବା ନେଇ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ୍ ଜାମିନ ପ୍ରଦାନ କରିଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଡକାୟତି ଏବଂ ଚୋରି ଭଳି ବିଭିନ୍ନ ଧର୍ତ୍ତବ୍ୟ ମାମଲା ରହିଥିବା ନେଇ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

● ଅର୍ଦ୍ଧନିର୍ମିତ କଲଭର୍ଟରେ ଖସିଲା ବାଇକ୍

# ଯୁବକ ମୃତ, ଜଣେ ଗୁରୁତର

■ ବିନା ସୂଚନାଫଳକରେ କାର୍ଯ୍ୟ ଆରମ୍ଭ କରିଥିବାରୁ ଦୁର୍ଘଟଣା ଅଭିଯୋଗ



**କୋଷାଗୁମୁଡ଼ା, ୨୩।୪(ସମିସ):** କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କେର୍ଲା ଗାଁଠାରେ ଅର୍ଦ୍ଧନିର୍ମିତ କଲଭର୍ଟରେ ଏକ ବାଇକ୍ ଖସିବା ଫଳରେ ବାଇକ୍‌ରେ ବସିଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ପନ୍ନାଲାଲ କଶ୍ୟପ (୨୭) ବୋଲି ଜଣାପଡ଼ିଛି। ଗୁରୁତର ଆହତ ବ୍ୟକ୍ତି ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏନେଇ ମଙ୍ଗଳବାର କୋଷାଗୁମୁଡ଼ା ଥାନାରେ ମୃତ ଯୁବକଙ୍କ ବଡ଼ ଭାଇ ହୀରାଲାଲ କଶ୍ୟପ (୩୩) ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ମଙ୍ଗଳବାର କୋଷାଗୁମୁଡ଼ା ଥାନା ଏଏସ୍ଆଇ ଲଳିତ କୁମାର ପଣ୍ଡା ମୃତ ଯୁବକଙ୍କ ଶବକୁ କୋଟପାଡ଼ ମେଡିକାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କୋଷାଗୁମୁଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଏଏସ୍ ଆଇ ଲଳିତ କୁମାର ପଣ୍ଡା କହିଛନ୍ତି।

ମୃତ ଯୁବକ ପନ୍ନାଲାଲ କଶ୍ୟପ ନିଜ ସାଙ୍ଗ ସହ କୋଷାଗୁମୁଡ଼ାର ରାଜୋଡା ଗାଁଠାରେ ଏକ ବିବାହ କାର୍ଯ୍ୟକ୍ରମକୁ ଆସି ସୋମବାର ସନ୍ଧ୍ୟା ୭ଟାରେ ଫେରିବା ବେଳକୁ କେର୍ଲା ଗାଁଠାରେ ଅର୍ଦ୍ଧନିର୍ମିତ ଭାବେ ଥିବା ଆର୍‌ଡି ବିଭାଗର ଏକ କଲଭର୍ଟ ମଧ୍ୟକୁ ବାଇକ ସହ ଖସିପଡ଼ିଥିଲେ। ପନ୍ନାଲାଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସହ ଥିବା ସାଙ୍ଗ ଗୁରୁତର ଆହତ ହୋଇଛନ୍ତି। ନିର୍ମାଣ ହେଉଥିବା କଲଭର୍ଟର ପାର୍ଶ୍ୱରେ କାର୍ଯ୍ୟ ଚାଲିଥିବା ନେଇ କୌଣସି ସୂଚନା ଫଳକ ନଥିବାରୁ ଏଭଳି ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ କଲଭର୍ଟ ନିର୍ମାଣ କାର୍ଯ୍ୟ ଚାଲିଥିବା ସ୍ଥାନରେ ସୂଚନା ଫଳକ ଲଗାଇବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଓ ଗୁରୁତର ଯୁବକଙ୍କ ଉନ୍ନତ ଚିକିତ୍ସାର ବ୍ୟବସ୍ଥା ଯୋଗାଇ ଦେବା ପାଇଁ ପରିବାର ଏବଂ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।



ଜୟପୁର ସହରର ଜଣାଶୁଣା ଚା' ଦୋକାନୀ ତାମ୍ବି ନାୟରଙ୍କୁ ହତ୍ୟା ଘଟଣାରେ ତଦନ୍ତ ଦଳ ଦ୍ୱାରା ପାରିପାର୍ଶ୍ୱିକ ଅନୁଧ୍ୟାନ କରାଯାଉଛି

# ପଦ୍ମପୁର ଅଞ୍ଚଳରେ ଚର୍ଚ୍ଚାକୁ ଆସୁଛି ନିର୍ବାଚନୀ ପ୍ରସଙ୍ଗ





**ପଦ୍ମପୁର, ୨୩।୪(ସମିସ):** ଏବେ ସାଧାରଣ ନିର୍ବାଚନ ପାଇଁ ନେତା, ରାଜନେତା ମସଗୁଲ ଥିବା ବେଳେ ରାୟଗଡ଼ା ଜିଲ୍ଲାର ଗୁଣୁପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସବୁଠୁ ବଡ଼ ପଦ୍ମପୁର ପ୍ରତି ଅବହେଳା ଜଳ ଜଳ ଦିଶୁଛି। ପଦ୍ମପୁର ଗ୍ରାମପଞ୍ଚାୟତରେ ୪ଟି ଗାଁ ପଦ୍ମପୁର, ଜୁମୁରୁଗୁଡା, ଜଗମଣ୍ଡା ଓ ଅରୁଣଝୋଲି ରହିଛି। ଇନ୍ଦୁପୁର ପଞ୍ଚାୟତର କିଛି ଗ୍ରାମ ମଧ୍ୟ ଏହି ପଞ୍ଚାୟତକୁ ଲାଗି ରହିଛି। ଏସବୁକୁ ମିଶାଇ ପଦ୍ମପୁରର ଜନସଂଖ୍ୟା ୧୦ହଜାରରୁ ଅଧିକ। ଦିନକୁ ଦିନ ଲୋକ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ସମସ୍ୟା ମଧ୍ୟ କିଛି କମ୍ ନୁହେଁ। ଡ୍ରେନ୍ ମରାମତି ଏବଂ ସଫେଇ, ରାସ୍ତା ମରାମତି, ସାହିବସ୍ତିଗୁଡ଼ିକର ଷ୍ଟିଟ୍ ଲାଇଟ୍ ଆଦି ସମସ୍ୟାଗୁଡ଼ିକ ଜଳ ଜଳ ଦିଶୁଥିଲେ ମଧ୍ୟ ଏହାର ସମାଧାନ ହୋଇପାରି ନାହିଁ। ୨୦୨୦ ଜନଗଣନା ଅନୁସାରେ ପଦ୍ମପୁର ଅଞ୍ଚଳରେ ୧୫୪୧୩ଜଣ ବସବାସ କରୁଥିବା ବେଳେ ପୁରୁଷଙ୍କ ସଂଖ୍ୟା ୭୯୯୯ ଏବଂ ମହିଳାଙ୍କ ସଂଖ୍ୟା ୭୪୧୪ଜଣ। ୨୯.୭୪ବଗ ପରିମିତ ସ୍ଥାନରେ ପଦ୍ମପୁର ଅବସ୍ଥିତ। ରାସ୍ତା ଅବସ୍ଥା ନକହିବା ଭଲ। ବ୍ଲକ ଅଫିସଠାରୁ ସୁନାରି ଘାଇ ପର୍ଯ୍ୟନ୍ତ ରାସ୍ତା ଭଙ୍ଗା ଦଦରା ହୋଇଥିବା ସମୟରେ ସଂକୀର୍ଣ୍ଣ ରାସ୍ତାରେ ଦୋକାନୀମାନେ ସମ୍ପୂର୍ଣ୍ଣ ରାସ୍ତା ଉପରେ ଆଣି ଦୋକାନ ବଜାର ପକାଉଛନ୍ତି। ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଦୀର୍ଘ ବର୍ଷେ ହେଲା ଜାଗା ଚିହ୍ନଟ ମଧ୍ୟରେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ରହିଗଲା। ଲୋକଙ୍କୁ ଆଜି-କାଲି କହିକହି ପୁଣି ଗୋଟିଏ ନିର୍ବାଚନ ଏବେ ଜନସାଧାରଣଙ୍କ ମୁଣ୍ଡ ଉପରେ ରହିଥିଲେ ମଧ ଏହାକୁ ବର୍ଷ ବର୍ଷ ଧରି ଅସମାହିତ ରଖାଯାଇଛି। କୌଣସି ରାଜନୈତିକ ଲୋକପ୍ରତିନିଧି ଏହା ପ୍ରତି ଦୃଷ୍ଟି ଦେବା ତ ଦୂରର କଥା ଏହା ପ୍ରତି କାହାର ତୁଣ୍ଡ ମଧ ଖୋଲୁ ନାହାନ୍ତି। ଠିକ୍ ସେହିପରି ପଦ୍ମପୁର ସହରର ପରିମଳ ଅବସ୍ଥା। ସ୍ଥାନେ ସ୍ଥାନେ କୁଡକୁଡ ଆବର୍ଜନା ସିନେମା ହଲ୍ ଛକ ନିକଟରେ ଆବଜନା ଭର୍ତ୍ତି ହୋଇପଡୁଥିଲେ ମଧ କାହାର ନଜର ନାହିଁ।

ଦୀର୍ଘ ମାସ ତଳେ ପଞ୍ଚାୟତ ତରଫରୁ ସାହିର ଆବର୍ଜନାଗୁଡ଼ିକୁ ଡେଲାଗାଡ ସାହାଯ୍ୟରେ ଲୋକ ନିଯୁକ୍ତି କରାଯାଇ ଆବର୍ଜନା ନିଆଯାଉଥିଲା ମାତ୍ର ତାହା ମଧ ବନ୍ଦ କରି ଦିଆଗଲା। ପଦ୍ମପୁର ଜଗମଣ୍ଡା ପହାଡ଼ର ସୌନ୍ଦର୍ଯ୍ୟକରଣ ପାଇଁ ଓ ଐତିହାସିକ ଶୈବପୀଠ ନୀଳକଣ୍ଠେଶ୍ୱର ମନ୍ଦିର ଉପରେ ପର୍ଯ୍ୟନ୍ତ ପାହାଚ ନିର୍ମାଣ ପାଇଁ ଦୁଇବର୍ଷ ତଳେ ଯୋଜନା କରାଯାଇ ଅଧା କାର୍ଯ୍ୟ କରାଯାଇ ସହ କୌଣସି କାରଣକୁ ନେଇ ବନ୍ଦ୍ କରିଦିଆଗଲା। ସେହିପରି ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ଆମିଷ ବଜାରଟିଏ ମଧ ପ୍ରଶାସନ କରିପାରି ନାହିଁ ବୋଲି ଚର୍ଚ୍ଚା ହେଉଛି। ଏଭଳି ବହୁବିଧ ସମସ୍ୟା ପଦ୍ମପୁର ଅଞ୍ଚଳରେ ଲାଗି ରହିଥିବା ବେଳେ ୨୦୨୪ ନିର୍ବାଚନ ଲାଗି ଏସବୁ ମୁଖ୍ୟ ପ୍ରସଂଗ ରହିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଏବେ ନେତାଙ୍କ ଭାଷଣ, ବିଭିନ୍ନ ପ୍ରତିଶ୍ରୁତି ଓ ଲୋଭରେ ସ୍ଥାନୀୟ ଲୋକମାନେ ଏହିସବୁ ପ୍ରସଂଗକୁ ଖୋଜୁଛନ୍ତି। ଏହାର ସମାଧାନ କରିବେ କି ରାଜନୈତିକ ପ୍ରତିନିଧି ସମୂହ ? ଏହି ପ୍ରଶ୍ନ ପଦ୍ମପୁର ଅଞ୍ଚଳର ନିର୍ବାଚନୀ ମାହୋଲକୁ ସରଗରମ ରଖିଛି।

